# ସର୍ଭେରେ ଅଟକିଛି ନୂଆ ରେଳପଥ ନିର୍ମାଣ

**ଗୋପାଳପୁର ବେଳାଭୂମିରୁ ଶିଳ୍ପ ସହର ରାୟଗଡ଼ା**

■୧୦ ବର୍ଷ ତଳୁ ସରିଛି ୨୫୮ କି.ମି. ସର୍ଭେ

■କେନ୍ଦ୍ର ବଜେଟରେ ଏଥର ମଧ ହେଲାନି ବରାଦ

ବ୍ରହ୍ମପୁର ଅଫିସ,୬।୨

ଗଞ୍ଜାମ ଜିଲା ବେଳାଭୂମି ସହର ଗୋପାଳପୁରରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂଆ ରେଳପଥ ନିର୍ମାଣ ପାଇଁ ହୋଇଥିବା ସର୍ଭେର ୧୦ ବର୍ଷ ପୂରିଛି। କେନ୍ଦ୍ର ଦ୍ୱିତୀୟ ଉପା ସରକାର ଏବଂ ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ ଅଣଦେଖା କରାଯାଇଥିଲା। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ୨୦୨୦-୨୧ ବର୍ଷର ବଜେଟରେ ମଧ ଏଥିପାଇଁ ବରାଦ ହୋଇନାହିଁ। ତେଣୁ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ ରାୟଗଡ଼ା ଜିଲା ପ୍ରତି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅବହେଳା ସ୍ପଷ୍ଟ ହୋଇଛି। ଗଜପତି ଓ ଗଞ୍ଜାମ ଜିଲାରେ ରେଳ ବିକାଶ ପ୍ରତି ଆଖି ବୁଜି ଦିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଲୋକ ସଭା ଆସନରୁ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଏମ୍‌ପି ହୋଇଥିଲେ ଚନ୍ଦ୍ରଶେଖର ସାହୁ। ପ୍ରଥମ ଉପା ସରକାରରେ ସେ ମନ୍ତ୍ରୀ ପଦ ପାଇଥିଲେ। ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ପ୍ରଭାବିତ କରାଇ ୨୫୮ କିଲୋମିଟର ଦୈର୍ଘ୍ୟ ଏହି ନୂଆ ରେଳପଥ ନିର୍ମାଣ ପାଇଁ ପ୍ରୟାସ କରିଥିଲେ। ୨୦୦୯ ଫେବୃୟାରୀ ୨୮ରେ ସର୍ଭେ କାର୍ଯ୍ୟ ନିମନ୍ତେ ଗୋପାଳପୁର ସମୁଦ୍ର ବେଳାଭୂମି ପାର୍ଶ୍ୱରେ ସେ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତତ୍କାଳୀନ ପୂର୍ବତଟ ରେଳବାଇ ମୁଖ୍ୟ ପ୍ରଶାସନିକ ଅଫିସର ଏସ୍‌କେ ବାହମନିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଦେଶର ଏକ ନାମିଦାମୀ ଘରୋଇ ଉଦ୍ୟୋଗ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସର୍ଭେ ଶେଷ ହୋଇ ରେଳପଥ ବୋର୍ଡ଼କୁ ରିପୋର୍ଟ ଦିଆଯାଇଥିଲା। ମନ୍ତ୍ରଣାଳୟ ପକ୍ଷରୁ ସର୍ଭେ ବାବଦରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ୨୦୦୯ ନିର୍ବାଚନ ପ୍ରକ୍ରିୟା ଯୋଗୁ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ସେହି ନିର୍ବାଚନରେ ସାହୁ ପରାସ୍ତ ହେବାରୁ ଯୋଜନା ଅଗ୍ରସର ନ ହୋଇ ସର୍ଭେ ରିପୋର୍ଟକୁ ପକାଇ ଦିଆଗଲା। ୨୦୧୪ ଲୋକ ସଭା ନିର୍ବାଚନରେ ମଧ ଚନ୍ଦ୍ରଶେଖର ପରାଜିତ ହେବାରୁ ରେଳପଥ ନିର୍ମାଣ ପ୍ରତି ଆଗ୍ରହ ପ୍ରକାଶ କରି ନ ଥିଲେ। ୨୦୧୯ ନିର୍ବାଚନରେ ସେ ଦଳ ବଦଳ କରି ବିଜେଡିରୁ ଏମ୍‌ପି ହୋଇଛନ୍ତି। କେନ୍ଦ୍ର ବଜେଟ ପୂର୍ବରୁ ସେ ଚାପ ପକାଇ ବରାଦ କରିବାର ସଚେତନ ମହଲ ଆଶା କରିଥିଲେ। ତଥାପି ୨୦୧୯-୨୦ ଏବଂ ୨୦୨୦-୨୧ ବଜେଟରେ ଏହି ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇନାହାନ୍ତି। ତେଣୁ ବହୁ ପ୍ରତୀକ୍ଷିତ ଏହି ନୂଆ ରେଳପଥ ନିର୍ମାଣ ଅନିଶ୍ଚିତତା ହୋଇଯାଇଛି। ଅପରପକ୍ଷରେ ୨୦୧୮ ଜୁନ ୨୨ରେ ଗୋପାଳପୁରରେ ଅନୁଷ୍ଠିତ ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଏହି ରେଳପଥ ନିର୍ମାଣ ପାଇଁ ଦାବି ପ୍ରସ୍ତାବ ଗୃହୀତ ହୋଇ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ନିକଟକୁ ପଠାଯାଇଥିଲା। ଏହାର ଦେଢ଼ ବର୍ଷ ବିତିଛି । ବିଜେଡି ପକ୍ଷରୁ ମଧ ସ୍ୱର ଉତ୍ତୋଳନ କରାଯାଉ ନ ଥିବା ରହସ୍ୟ ଘେରକୁ ଆସିଛି।

ସୂଚନାଯୋଗ୍ୟ, ଏହି ରେଳପଥ ଗୋପାଳପୁର ବେଳାଭୂମିରୁ ଆର୍ଯ୍ୟପଲ୍ଲୀ ବନ୍ଦର ପାଖ ଦେଇ କୁକୁଡ଼ାଖଣ୍ଡି, ଦିଗପହଣ୍ଡି, ମୋହନା ଆଦି ବ୍ଲକ ଅଞ୍ଚଳର ଅନେକ ଗ୍ରାମ ଦେଇ ରାୟଗଡ଼ା ଯିବ। ଫଳରେ ଅନେକ ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀ ଉପକୃତ ହେବେ। ଜଙ୍ଗଲଜାତ ପଦାର୍ଥ ଓ ନାଲକୋର ଉତ୍ପାଦିତ କଞ୍ଚାମାଲ ଗୋପାଳପୁର ବନ୍ଦରକୁ ଆସି ଦେଶ ବିଦେଶକୁ ରପ୍ତାନି ହୋଇପାରିବ। ଏହାଦ୍ୱାରା ବନ୍ଦର ରାଜସ୍ୱ ବୃଦ୍ଧିରେ ସହାୟକ ହେବ ଏବଂ ମାଳ ଅଞ୍ଚଳବାସୀଙ୍କୁ ରେଳସେବା ମିଳିପାରିବ। ୨୦୧୨ରେ ସେତେବେଳର କେନ୍ଦ୍ର ଯୋଜନା କମିଶନ ଓ ବର୍ତ୍ତମାନର ନୀତି ଆୟୋଗ ୧୩୯୨ କୋଟି ଟଙ୍କା ବ୍ୟୟ ଅଟକଳକୁ ମଧ ମୋହର ଲଗାଇଥିଲେ। ତଥାପି ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଇତିମଧ୍ୟରେ ହୋଇଥିବା ୭ ବଜେଟରେ ବରାଦ କରାଯାଉନାହିଁ। ଆଲୋଚନା ପ୍ରସଙ୍ଗରେ ଚନ୍ଦ୍ରଶେଖର କହିଛନ୍ତି, ଏହା କାର୍ଯ୍ୟକାରୀ କରିବା ପାଇଁ ପୁନର୍ବାର ପ୍ରୟାସ କରାଯିବ। କେନ୍ଦ୍ର ଉପରେ ଚାପ ପକାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ମଧ ଅନୁରୋଧ କରାଯିବ।

## ସଂକ୍ଷେପରେ

### ଜାତିଆଣ ମନ୍ତବ୍ୟ, ଆକ୍ରମଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୬।୨:** ଜଣେ ଯୁବକଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ଆକ୍ରମଣ ମାମଲାର ଅତିରିକ୍ତ ଦୌରା ଜଜ୍ -୧ ପ୍ରସନ୍ନ କୁମାର ପଣ୍ଡା ଗୁରୁବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ପ୍ରତାପ ଜେନାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅନ୍ୟପଟେ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଓ ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିବାରୁ ଅନ୍ୟତମ ଅଭିଯୁକ୍ତ ସୁଶାନ୍ତ ମୁନିଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି।

ପ୍ରକାଶ ଯେ, ୨୦୧୪ ଫେବୃୟାରୀ ୧୪ ସାଧାରଣ ନିର୍ବାଚନ ସମୟରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବଡବରଗାଁର ସୀମାଞ୍ଚଳ ନାଇକଙ୍କୁ ଆକ୍ରମଣ କରାଯାଇଥିଲା। ଏପରିକି ଗାଁ ଦାଣ୍ଡରେ ଅଭିଯୁକ୍ତ ପ୍ରତାପ ଓ ସୁଶାନ୍ତ ମିଶି ସୀମାଞ୍ଚଳଙ୍କୁ ଜାତିଆଣ ମନ୍ତବ୍ୟ ଦେବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ନଂ.୧୫/୧୪ରେ ପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ଏହି ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ପ୍ରତାପଙ୍କୁ ଏଡିଜେଙ୍କ କୋର୍ଟରେ ହାଜର କରାଯାଇଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଏଡିଜେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

### ଆଇନଜୀବୀ କଲ୍ୟାଣ ପାଣ୍ଠି ବୃଦ୍ଧିକୁ ସ୍ୱାଗତ

**ବ୍ରହ୍ମପୁର ଅଫିସ,୬।୨:** ଆଇନଜୀବୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ କଲ୍ୟାଣ ପାଣ୍ଠି ଏବେ ବୃଦ୍ଧି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଗତ ମଙ୍ଗଳବାର ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ୩ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଥିବା ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଥିଲେ। ଏହାକୁ ନିଖିଳ ଉତ୍କଳ ଆଇନଜୀବୀ ସଂଘ ମୁଖପାତ୍ର କରୁଣାକର ପାଣିଗ୍ରାହୀ ସ୍ୱାଗତ ଜଣାଇଛନ୍ତି। ଏହାସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି। ପୂର୍ବରୁ ୨୦୧୪-୧୫ରେ ଆଇନଜୀବୀଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି ଗଠନ କରାଯାଇ ୧ କୋଟି ଟଙ୍କାର ସହାୟତା ସରକାର ଘୋଷଣା କରିଥିଲେ। ଏହି ପାଣ୍ଠି ଆଇନଜୀବୀମାନଙ୍କ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ଦେବା ପାଇଁ ଉଦ୍ଦିଷ୍ଟ ଥିଲା। ପରେ ଏହାକୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ପୁଣିଥରେ ରାଜ୍ୟ ସରକାର ୨୦୧୬-୧୭ରେ ଘୋଷଣା କରିଥିଲେ। ପ୍ରକାଶଥାଉକି, ୨୦୧୯ ଡ଼ିସେମ୍ବର ୨୯ରେ ବରକୁଲରେ ନିଖିଳ ଉତ୍କଳ ଆଇନଜୀବୀ ସଂଘର ୪୮ ତମ ବାର୍ଷିକ ସମ୍ମିଳନୀରେ ଆଇନଜୀବୀ କଲ୍ୟାଣ ପାଣ୍ଠି ବୃଦ୍ଧି ନେଇ ଦାବି ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଆଇନଜୀବୀଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି ଯୁକ୍ତିଯୁକ୍ତ ବୋଲି କହିଥିଲେ।

## ନୂତନ ଡିଇଓଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର ଅଫିସ, ୬।୨

ଗଞ୍ଜାମ ଜିଲା ଶିକ୍ଷାଧିକାରୀ(ଡିଇଓ) ଭାବେ ଗୁରୁବାର ଦାୟିତ୍ୱ କରିଛନ୍ତି ଅମୂଲ୍ୟ କୁମାର ପ୍ରଧାନ । ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ନୂତନ ଡିଇଓ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପୂର୍ବରୁ ସେ ପୁରୀ ଜିଲା ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏହି ପରିପ୍ରେକ୍ଷୀରେ ଜିଲାର ଗୋଷ୍ଠୀ ଶିକ୍ଷାଧିକାରୀ, ଶିକ୍ଷକ ସଂଘ, ବିଦ୍ୟାଳୟ କର୍ମଚାରୀ ସଂଘ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ନୂତନ ଡିଇଓଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସରକାରଙ୍କ ନିୟମାନୁସାରେ ମିଳିତ ଭାବେ ଜିଲା ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ କହିଥିଲେ।

# ବ୍ରହ୍ମପୁରରେ ଶତପ୍ରତିଶତ ଲୋକଙ୍କୁ ଔଷଧ ଦେବାକୁ ଲକ୍ଷ୍ୟ




କର୍ମଶାଳାରେ ମଞ୍ଚାସୀନ କମିଶନର, ସିଡିଏମ୍‌ପିଏଚଓ ଓ ଅନ୍ୟ ଅଧିକାରୀ ।

**ସାମୂହିକ ବାତଜ୍ୱର ଔଷଧ ସେବନ କର୍ମଶାଳା**

ବ୍ରହ୍ମପୁର ଅଫିସ,୬।୨

ଗଞ୍ଜାମ ଜିଲାରେ ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଫେବୃୟାରୀ ୧୦ ରୁ ଆରମ୍ଭ ହେବ । ଏନେଇ ବ୍ରହ୍ମପୁର ମହାନଗର ନିଗମସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମପିଏଚଓ) ଡା. ଆର. ଜଗଦୀଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିୟୁପିଏଚଓ ଡା. ଲଲାଟେନ୍ଦୁ ଦାଶ, ସିଟି ହେଲଥ ଅଫିସର ଡା. ମାନସ ରଞ୍ଜନ ପଣ୍ଡାଙ୍କ ସମେତ ରଙ୍ଗେଇଲୁଣ୍ଡା ଏବିଇଓ, ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେଶନ ପ୍ରତିନିଧି ଯୋଗଦେଇଥିଲେ। ଆସନ୍ତା ୧୦ରୁ ଆରମ୍ଭ ହେବାକୁ ଥିବା ଫାଇଲେରିଆ ତଥା ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ଶତପ୍ରତିଶତ ଲୋକଙ୍କୁ ଔଷଧ ସେବନ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ଫାଇଲେରିଆ ପ୍ରବଣ ଜିଲା ମଧ୍ୟରେ ଗଞ୍ଜାମ ଅନ୍ୟତମ। ଦୀର୍ଘ ବର୍ଷ ଧରି ସାମୁହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଚାଲିଛି। ତଥାପି ଶତ ପ୍ରତିଶତ ଲୋକଙ୍କୁ ଏହି ଔଷଧ ସେବନ କରିବା ଓ ଫାଇଲେରିଆର ନିୟନ୍ତ୍ରଣ ଦିଗରେ ଗଞ୍ଜାମ ଜିଲା ପଛରେ ପଡିଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୯୦ ପ୍ରତିଶତ ଲୋକଙ୍କୁ ଔଷଧ ସେବନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଆଶା, ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଲୋକଙ୍କୁ ଫାଇଲେରିଆ ବଟିକା ଖୁଆଇବାକୁ ସିଡିଏମ୍‌ପିଏଚଓ କହିଥିଲେ । ତିନିଦିନର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ବିଦ୍ୟାଳୟରେ ମିଡ ଡେ ମିଲ ପରେ ଏହି ଔଷଧ ସେବନ କରାଯିବ। ଔଷଧ ଖାଇଥିବା ଘର ଓ ଲୋକଙ୍କ ହାତରେ ମାର୍କ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ସେହିପରି ବିଏମ୍‌ସି ଅଞ୍ଚଳରେ ବିଗତ ବର୍ଷରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାତ୍ର ୮୦ ପ୍ରତିଶତ ଲୋକଙ୍କୁ ଏହି ଔଷଧ ସେବନ କରିବାରେ ସକ୍ଷମ ହୋଇଛନ୍ତି । ଚଳିତ ବର୍ଷ ସହରାଞ୍ଚଳରେ ଶତପ୍ରତିଶତ ଲୋକଙ୍କୁ ଔଷଧ ସେବନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ସୂଚାଇଛନ୍ତି । ଔଷଧ ସମ୍ପର୍କରେ ସଚେତନ କରାଇବା ସହ ବଣ୍ଟନ ପାଇଁ ନିୟୋଜିତ ଆଶା, ଅଙ୍ଗନୱାଡି, ଏଏନ୍‌ଏମ୍, ମହିଳା ସ୍ୱାସ୍ଥ୍ୟ ଆରୋଗ୍ୟ ସମିତି କର୍ମକର୍ତ୍ତାମାନେ ପ୍ରତ୍ୟେକ ଲୋକଙ୍କୁ ଔଷଧ ଖୁଆଇବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ଏଥିସହ ସହରମଧ୍ୟରେ ରହିଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି)ର ମେଡିକାଲ ଅଫିସରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହ ପ୍ରତ୍ୟେକ ଲୋକଙ୍କୁ ଔଷଧ ସେବନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସିଟି ପ୍ରୋଗ୍ରାମ ଅଫିସର କହିଥିଲେ । ଏହି କର୍ମଶାଳାରେ ୟୁପିଏଚସିର ମେଡିକାଲ ଅଫିସର, ସାନିଟେଶନ ଇନ୍‌ସପେକ୍ଟର, ସିଡିପିଓ ଓ ବିଏମ୍‌ସିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମହାନଗର ମହୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୬।୨

ଖଲ୍ଲିକୋଟ କଲେଜ ଖେଳପଡିଆରେ ଚାଲିଥିବା ୭ମ ମହାନଗର ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ୧୦ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଅନ୍ତିମ ରଜନୀରେ ଦର୍ଶକଙ୍କୁ ବିମୋହିତ କରିଥିଲା ପୁରୀ କଳାକାରଙ୍କ ଦ୍ୱାରା ପରିବେଷିତ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଆଧ୍ୟାତ୍ମିକ ତଥା ପାରମ୍ପରିକ ଲୋକନୃତ୍ୟ । ନୃତ୍ୟ ମାଧ୍ୟମରେ ପୁରୀ ଜଗନ୍ନାଥ ସଂସ୍କୃତି, ପରମ୍ପରାକୁ ପରିବେଷିତ କରି ଦର୍ଶକଙ୍କୁ ମୁଗ୍ଧ କରିବା ସହ ମହୋତ୍ସବରେ ଆଧ୍ୟାତ୍ମିକ ଓ ଜଗନ୍ନାଥ ସଂସ୍କୃତିରେ ପରିବେଶ ସୃଷ୍ଟି କରିଥିଲା । ଏଥିରେ ହାଇଟେକ ମେଡିକାଲର ଏମ୍‌ଡି ଡ.ତିରୁପତି ପାଣିଗ୍ରାହୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଭାଜପା ଗଞ୍ଜାମ ଜିଲା ସଭାପତି ବିଭୂତି ଜେନା , ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ପତି, ଏସ୍‌ଏମ୍‌ଆଇଟି ସଭାପତି ଡ଼.ଭାଗବନ ଗନ୍ତାୟତ, ମହାନ ସଂଘ ସଭାପତି ସୁଶାନ୍ତ ସାବତ, ପିଡ଼ିଡ଼ିଆରଡିଏ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ଉପ ଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଟ୍ରାଫିକ ଡିଏସ୍‌ପି ସାର୍ଥକ ରଏ, ଆଇନଜୀବୀ ନଗେନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ସାହୁ, ମନୋରଞ୍ଜନ ଦଳେଇ, ପୀତାମ୍ବର ନାହାକ ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ ସଭାପତି ନାରାୟଣ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ପ୍ରଣୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜାତୀୟସ୍ତରୀୟ ସ୍କେଟର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବ୍ରହ୍ମପୁରର କୁନି ଝିଅ ଅନ୍‌ସୋ ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ ଶେଷ ସନ୍ଧ୍ୟାରେ ରୋମାଞ୍ଚ ଭରିଥିଲା ବ୍ରହ୍ମପୁର ସ୍କେଟିଂ ଏକାଡେମୀ ଓ ଟାଏକୋଣ୍ଡୋ ଆସୋସିଏଶନର ଦ୍ୱାରା ପରିବେଷିତ ସ୍କେଟିଂ ସୋ, ଟାଏକୋଣ୍ଡୋ କୌଶଳ ପ୍ରଦର୍ଶନ । ଏହାବ୍ୟତୀତ ବ୍ରହ୍ମପୁର ଓଡିଶୀ ସାଧନା ପୀଠ ପକ୍ଷରୁ ଓଡିଶୀ ନୃତ୍ୟ, କ୍ରେଜିଷ୍ଟାର ଡ୍ୟାନ୍ସ ଏକାଡେମୀ ତରଫରୁ ଜୁମ୍ବା ଡ୍ୟାନ୍ସ, ଏରୋବିକ ଟିମ୍ ତରଫରୁ ଏରୋବିକ ଡ୍ୟାନ୍ସ, ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲ ପକ୍ଷରୁ ଆଧୁନିକ ନୃତ୍ୟ, ଗୋଷାଣୀନୂଆଗାଁ ଶିଶୁ ମନ୍ଦିର ତରଫରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। ଅପରାହ୍ନରେ ଗଞ୍ଜାମ ଆସିକା ଟିମ୍ପିଶିଲ୍ପ ନୂଆଗାଁର ସମ୍ଭାବନା ସାରସ୍ୱତ ସଂସ୍କୃତିକ ପରିଷଦ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସ ହୋଇଥିବାରୁ ମହୋତ୍ସବ ସ୍ଥଳରେ ଖୋଲିଥିବା ରାଜ୍ୟ ତଥା ବାହାରର ଘରୋଇ ଉପକରଣ ସାମଗ୍ରୀ, କୁଟୀର ଶିଳ୍ପ ସହ ରେଶମ ନଗର ପୁସ୍ତକମେଳା ଷ୍ଟଲରେ ଭିଡ ଜମିଥିଲା । ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପୁରୀରୁ ଆସିଥିବା ଅନୁଷ୍ଠାନ କଳାକାରଙ୍କ ସହ ଅତିଥିବୃନ୍ଦ ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବୁଗୁଡ଼ା,୬।୨(ଡି.ଏନ.ଏ.):** ବୁଗୁଡ଼ା ଏନ୍‌ଏସି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୩ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ବିଡିଓ ତନ୍ମୟ ପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବିଇଓ ରସାନନ୍ଦ କର, ଅଧ୍ୟାପକ ଅଜୟ କୁମାର ସାହୁ ଓ ପୂର୍ବତନ ସମ୍ପାଦକ ପ୍ରଭାତ କୁମାର ଦାଶ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ କହିବା ସହ ଉତ୍ତମ ଭାବେ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ବିବରଣୀ ପାଠ କରିଥିବା ବେଳେ ବନମାଳୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

PARADIP PORT TRUST
E-TENDER CALL NOTICE
Name of the work : Upkeeping of Railway Yard inside Harbour area (From ATBK-II Level Crossing to Cargo Berth Area) for the year 2020-21. Estimated cost : Rs. 81,43,561/-. Last date & time of submission : Dt. 22.02.2020 up to 17:00 Hrs. Refer our website for details:https://eprocure.gov.in/eprocure/app.
Executive Engineer
PPT/PR/651/19-20 Date : 06.02.2020

PARADIP PORT TRUST
E-TENDER CALL NOTICE
Name of the work : "Providing Assistance in various works under Engineering Department on job work basis-Roads & Building Division". Estimated Cost : Rs. 88,38,960/-. Last Date & time of submission of Bid: 20.02.2020 at 17:00 Hrs. For details please refer our website : https://eprocure.gov.in/eprocure/app.
Executive Engineer, Roads & Building Division
PPT/PR/665/19-20, Dt.06.02.2020

# ରୋଜ୍ ଡେ'ରେ ଗୋଲାପ ଚାହିଦା ହ୍ରାସପାଉଛି

ବ୍ରହ୍ମପୁର ଅଫିସ,୬।୨

ଫେବୃୟାରୀ ଆସିଲା ମାତ୍ର ହିଁ ଯୁବପିଢ଼ିଙ୍କୁ ମନେ ପଡିଯାଏ ଭାଲେଣ୍ଟାଇନ୍‌ସ ଡେ କଥା। ସପ୍ତାହର ଦିନଗୁଡିକ ଗୁରୁତ୍ୱପୂର୍ଣ୍ଣ ଥାଏ । ଏହି ସପ୍ତାହର ପ୍ରଥମ ଦିନ ରୋଜ୍ ଡେ ଠାରୁ ଆରମ୍ଭ ହେଇଥାଏ । ଗୋଲାପ ଫୁଲକୁ ଅଧିକାଂଶ ଭଲ ପାଇଥାନ୍ତି । ଏହାର ରଙ୍ଗକୁ ନେଇ ଭିନ୍ନ ଭିନ୍ନ ଅର୍ଥ ମଧ ରହିଛି । ସେହି ଅନୁସାରେ ବିଭିନ୍ନ ରଙ୍ଗର ଫୁଲ ଭିନ୍ନ ସମ୍ପର୍କ ସୂଚାଇଥାଏ । ଏହି ରୋଜ୍ ଡେ'ରେ ଯୁବପିଢ଼ି ଓ ଅନେକ ବ୍ୟକ୍ତିମାନେ ପରସ୍ପରଙ୍କୁ ଗୋଲାପ ଫୁଲ ଦେବା ନେବା କରିଥାନ୍ତି । ସେ ମା' ହୁଅନ୍ତୁ ଅବା ବାପା, ଭାଇ, ଭଉଣୀ, ସାଙ୍ଗ ଓ ପ୍ରେମିଯୁଗଳ ଯେ କେହି ହୁଅନ୍ତୁ। ବ୍ରହ୍ମପୁର ସହରକୁ ଗୋଲାପ ଫୁଲ ବାଙ୍ଗାଲୋର, କଲିକତା ଓ ଆନ୍ଧ୍ରପ୍ରଦେଶରୁ ଆସିଥାଏ। ଏହାକୁ ଗୋଟିଏ ଫୁଲ ପିଛା ୧୫ ରୁ ୨୦ ଟଙ୍କାରେ ବିକ୍ରି କରାଯାଇଥାଏ । କିନ୍ତୁ ଏବେ ରୋଜ୍ ଡେ'ରେ ଗୋଲାପ ଫୁଲ ଦେବା ନେବା ଆଗପରି ନାହିଁ । ଧୀରେ ଧୀରେ ଏହା କମିବାରେ ଲାଗୁଛି । ପ୍ରତିଦିନ ଯେମିତି ବିକ୍ରି ହୋଇଥାଏ ଏହି ଦିନରେ କିଛି ଅଧିକ ବିକ୍ରି ହୋଇଥିଲେ ମଧ ପୂର୍ବ ଅପେକ୍ଷାରେ ବହୁତ କମ୍ ହେଉଛି ବୋଲି ସହରର କେତେକ ଫୁଲ ବ୍ୟବସାୟୀ କହିଛନ୍ତି ।





"ବର୍ତ୍ତମାନ ବ୍ରହ୍ମପୁର ସହରରେ ଆଗପରି ରୋଜା ଡେ'ରେ ଗୋଲାପ ଫୁଲର ଚାହିଦା ନାହିଁ । ଦିନକୁ ଦିନ ଏହା କମିବାରେ ଲାଗିଛି । ସବୁ ଦିନ ଯେମିତି ବ୍ୟବସାୟ ହୁଏ ବାକି ଦିନଠାରୁ ଏହି ଦିନରେ ଅଳ୍ପ ମାତ୍ରାରେ ଅଧିକ ବିକ୍ରି ହୋଇଥାଏ । ଏହି ଦିନ ଗୁଡିକରେ ଆଗ ପରି ଏବେ ଗୋଲାପ ଫୁଲର ଆଉ ଚାହିଦା ନାହିଁ ।

–ଦେବରାଜ ରାଉଳ(ଫୁଲ ଦୋକାନୀ)

"ଏହି ପରି ଲୋକ ଦେଖାଣିଆ ଭାବେ ରୋଜ୍ ଡେଠାରୁ ଆରମ୍ଭ କରି ଭାଲେଣ୍ଟାଇନ୍‌ସ ଡେ ପର୍ଯ୍ୟନ୍ତ ପାଳନ କରିବାର କିଛି ଆବଶ୍ୟକତା ନାହିଁ । ସେହି ଦିନକୁ ପାଳନ କରି ବାକି ଦିନଗୁଡ଼ିକ ଭୁଲିଯିବା ଏମିତି ବହୁ ଲୋକ ଅଛନ୍ତି । ଅନ୍ତରରେ ଭଲ ପାଇବା ରହିବା ଦରକାର। କିନ୍ତୁ ଆଜିର ଯୁବ ପିଢ଼ି ଏସବୁ ଦେଖାଣିଆ ପାଇଁ ପାଳନ କରୁଛନ୍ତି । କେତେକ ଯୁବକ ଏହି ବର୍ଷ ରୋଜ ଡେ ଜଣଙ୍କ ସହ ପାଳନ କରି ପୁଣି କିଛି ମାସ ପରେ ତାଙ୍କ ସହିତ ସମ୍ପର୍କ କାଟିଦେଇ ଅନ୍ୟ ବର୍ଷ ଆଉ କାହା ସହ ରୋଜ୍ ଡେ ପାଳନ କରିଥାନ୍ତି ।



–ଅକ୍ଷୟ କୁମାର ରଥ(ଛାତ୍ର)



"ରୋଜ୍‌ଡେ' କେବଳ ଲୋକ ଦେଖାଣିଆ । ଏହି ଦିନରେ ନିଜ ପ୍ରେମିକଙ୍କୁ ହିଁ ଫୁଲ ଦେବା ସେମିତି କିଛି ନାହିଁ । ଗୋଟେ ପୁଅ ତା ମାଆଙ୍କୁ ଦେଇପାରିବ ସେମିତି ଗୋଟେ ଭାଇ ତାଙ୍କ ଭଉଣୀଙ୍କୁ ବି ଦେଇପାରିବ। ନିଜେ ଭଲ ପାଉଥିବା ମଣିଷକୁ ଦେଇପାରିବେ। ଏହା ଛଡ଼ା କେବଳ ରୋଜ ଡେ' ରେ ହିଁ ଜଣେ ଜଣଙ୍କୁ ଫୁଲ ଦେବାର ସେମିତି କିଛି ମାନେ ନାହିଁ । ଫୁଲର ବହୁତ ରଙ୍ଗ ରହିଥାଏ । ଆଉ ଏହାର ରଙ୍ଗ ହିସାବରେ ସମ୍ପର୍କ ମଧ ରହିଥାଏ।

–ପ୍ରିୟଙ୍କା ମିଶ୍ର(ଛାତ୍ରୀ)

"ଏହି ଦିନଗୁଡିକକୁ ମୁଁ ବିଶ୍ୱାସ କରେନାହିଁ। କି କେବେ ପାଳନ କରି ନ ଥାଏ । ବର୍ଷକୁ ଏହି ୭ ଦିନ ପ୍ରେମ ସପ୍ତାହ ପାଳନ କରିବା କିଛି ଜରୁରୀ ନାହିଁ। ଯଦି ପରସ୍ପର ପ୍ରତି ଉତ୍ତମ ବୁଝାମଣା ଓ ସଚ୍ଚୋଟତା ରହେ ତେବେ ସେମାନଙ୍କ ପାଇଁ ସବୁଦିନ ରୋଜ ଡେ ହୋଇପାରିବ। ଏହା ଛଡା ମୋର ଗୋଲାପ ଫୁଲ ବହୁତ୍ ପସନ୍ଦ, କିନ୍ତୁ ଏହାକୁ ମୁଁ ବର୍ଷକୁ ଗୋଟିଏ ଦିନରେ ସୀମିତ ରଖିବାକୁ ଚାହେଁ ନାହିଁ ।



–ମନସ୍ୱିନୀ ମିଶ୍ର

## ଦାୟିତ୍ୱ ନେଲେ ବିଏମ୍‌ସିର ନୂତନ ଡେପୁଟି କମିଶନର



ବ୍ରହ୍ମପୁର ଅଫିସ,୬।୨-ବ୍ରହ୍ମପୁର ମହାନଗର ନିଗମର ନୂତନ ଡେପୁଟି କମିଶନର ଭାବେ ଗତ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଆଶୁତୋଷ ସାମଲ। ପୂର୍ବରୁ ସେ ବାଲେଶ୍ୱର ଜିଲା ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ବ୍ରହ୍ମପୁରବାସୀଙ୍କ ସମସ୍ୟା ସମାଧାନ ଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ସେ କହିଛନ୍ତି ।

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.ECoRCONTP192003, ତା. 03.02.2020
ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପ୍‌ଲୋଡ୍ କରିଦିଆଯାଇଛି ।
ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମେଟାଲ ଲାଇନର T-8616 ଏବଂ T-8617, [ମେଟାଲ ଲାଇନର ଏକ ସେଟ୍‌ରେ T-8616-1 ଗୋଟି ଏବଂ T-8617-1 ଗୋଟି]
ପରିମାଣ : 1384849 ସେଟ୍ ।
ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020ରିଖ 1200 ଘଟିକାରେ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-120/CC/19-20

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

# ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ରାଇକିଆ,୬।୨(ଡ଼ି.ଏନ.ଏ)**

ଗତ ଜାନୁୟାରୀ ୧୫ରୁ ନିଖୋଜ ଥିବା ରାଇକିଆ କନ୍ୟାଶ୍ରମ ସାହିର ଶୁଭେନ୍ଦୁ ମଲିକଙ୍କ ମୃତଦେହ ଗୁରୁବାର ଡଲାମାହା ପାହାଡ଼ରୁ ଠାବ କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ଓ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଛାଡ଼ି ନ ଥିଲେ। ପ୍ରାୟ ୮ ଘଣ୍ଟା ପରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବାରୁ ବ୍ୟବଚ୍ଛେଦ ନିମନ୍ତେ ଛାଡ଼ିଥିଲେ।

ଶୁଭେନ୍ଦୁ ୨୨ ଦିନ ହେଲା ନିଖୋଜ ଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ପାରୁ ନ ଥିଲା। ପୋଲିସରେ ଏତଲା ମଧ୍ୟ ହୋଇଥିଲା। ଶୁଭେନ୍ଦୁଙ୍କୁ ହତ୍ୟା କରାଯାଇଥିବା ଥାଇପାରେ ନେଇ କେତେକ ସୂଚନା ଦିଆଯାଇଥିଲେ ମଧ୍ୟ ପୋଲିସ ତାକୁ ଗ୍ରହଣ କରି ନ ଥିଲା ବୋଲି ମୃତକଙ୍କ ଭାଇ ଉତ୍ତମ ମଲିକ କହିଛନ୍ତି। ପୋଲିସ ତଦନ୍ତର ବିଳମ୍ବ ପ୍ରତିବାଦରେ ସୋମବାର ପରିବାର ଲୋକେ ଏବଂ ସାହି ବାସିନ୍ଦା ରାଇକିଆ-ଜି.ଉଦୟଗିରି-ବାଲିଗୁଡ଼ା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଥିରେ ଆଇନ ଶୃଙ୍ଖଳା ଭଙ୍ଗ ହେଉଥିବା ଦର୍ଶାଇ ପୋଲିସ ୨୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ସେମାନେ ଜାମିନରେ ମୁକୁଳିଥିଲେ। ଗୁରୁବାର ଡଲାମାହା ପାହାଡ଼ ନିକଟରେ ଏକ ଗଳିତ ମୃତଦେହ ପଡ଼ିଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇ ଶୁଭେନ୍ଦୁଙ୍କ ପରବାରବର୍ଗଙ୍କୁ ଜଣାଇଥିଲା। ପରିବାର ଲୋକେ ପହଞ୍ଚି ଶୁଭେନ୍ଦୁଙ୍କ ମୃତଦେହ ଚିହ୍ନଟ କରିଥିଲେ। ସକାଳ ୯ଟାରୁ ସନ୍ଧ୍ୟା ସେମାନେ ମୃତଦେହ ପକାଇ ରଖି ବ୍ୟବଚ୍ଛେଦ ନିମନ୍ତେ ପୋଲିସକୁ ଦେଇ ନ ଥିଲେ। ରାଇକିଆ ବିଡିଓ ପ୍ରବୀଣ କୁମାର ବାଣୁଆ ଓ ତହସିଲଦାର ଶାରଦା କାନ୍ତି ଦଳେଇ ପହଞ୍ଚି ପରିବାର ଲୋକ ଏବଂ ସାହିବାସିନ୍ଦାଙ୍କୁ ବୁଝାଶୁଝା କରିବା ସହ ବିଭିନ୍ନ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୫ଟାରେ ମୃତଦେହକୁ ଛାଡ଼ିଥିଲେ। ଜମିଜମାକୁ କେନ୍ଦ୍ର କରି ଶୁଭେନ୍ଦୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯାଇଛି। ପୂର୍ବରୁ ରୁଜୁ ହୋଇଥିବା ନିଖୋଜ ମାମଲା ନଂ.୧୧/୨୦ ହତ୍ୟା ମାମଲା ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି।


ପୋଲିସ ମୃତ ଶୁଭେନ୍ଦୁ ମଲିକଙ୍କ ପରିବାରବର୍ଗଙ୍କୁ ବୁଝାଉଛି।

■ହତ୍ୟା ଅଭିଯୋଗ ଆଣି ମୃତଦେହ ପକାଇ ରଖିଲେ ପରିବାର
■ପ୍ରତିଶ୍ରୁତି ପରେ ବ୍ୟବଚ୍ଛେଦ ପାଇଁ ଛାଡ଼ିଲେ

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଉଠାଇବାବେଳେ କ୍ରେନ୍ ଓଲଟିଲା



**ଦାରିଙ୍ଗବାଡ଼ି,୬।୨(ଡି.ଏନ.ଏ):** କନ୍ଧମାଳ-ଗଞ୍ଜାମ ସୀମାବର୍ତ୍ତୀ ଗାଜଲବାଡ଼ି ଘାଟି ୯ ନଂ. ବୁଲାଣିରେ ବୁଧବାର ରାତିରେ ଏକ ବସ୍ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଫଳରେ ଉକ୍ତ ରାସ୍ତାରେ ଗୁରୁବାର ଭାରିଯାନ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। ଦାରିଙ୍ଗବାଡ଼ି ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୋରଡ଼ା ଆଇଆଇସି ରମେଶ କୁମାର ପ୍ରଧାନ ବସ୍‌କୁ ଉଠାଇବାକୁ କ୍ରେନର ବ୍ୟବସ୍ଥା କରିଥିଲେ। ସନ୍ଧ୍ୟାରେ କ୍ରେନ୍ ଅଧା ଝୁଲି ରହିଥିବା ବସ୍‌କୁ ଉଠାଉଥିବାବେଳେ ଉଭୟ କ୍ରେନ୍ ଓ ବସ୍ ଓଲଟି ପଡିଛି। ସୂଚନାଯୋଗ୍ୟ ଯେ, ବୁଧବାର ଭୁବନେଶ୍ୱରରୁ ଏକ କଲେଜର ଛାତ୍ରୀଛାତ୍ର ଦାରିଙ୍ଗବାଡିରେ ବଣଭୋଜି କରି ଫେରିବାବେଳେ ବୁଲାଣୀରେ ଚାଳକ କାଟି ନ ପାରିବାରୁ ବସ୍‌ଟି ଘାଟି ଧାରକୁ ଖସି ଝୁଲି ରହିଥିଲା।

### ରଷିକୁଲ୍ୟା ଟି-୨୦ ଟୁର୍ଣ୍ଣାମେଣ୍ଟ
### ମୁଣ୍ଡମରାଇ ବିଜୟୀ

**ସୋରଡ଼ା,୬।୨(ଡି.ଏନ୍.ଏ.):** ରଷିକୁଲ୍ୟା ଆନ୍ତଃ ଜିଲା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚରେ ମୁଣ୍ଡମରାଇ ଗାଲାକ୍ସି-୧୧ ସହ ଆସିକା ପାନାସୋନିକ ମଧ୍ୟରେ ଖେଳ ହୋଇଥିଲା। ମୁଣ୍ଡମରାଇ ଟସ୍ ଜିତି ବୋଲିଂ କରିଥିଲା। ପାନାସୋନିକ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶାନ୍ତନୁ ସର୍ବାଧିକ ୩୯ ରନ କରିଥିଲେ। ମୁଣ୍ଡମରାଇ ୭ ଉଇକେଟ ହରାଇ ୧୭ ଓଭର ୪ ବଲରେ ଆବଶ୍ୟକୀୟ ରନ ସଂଗ୍ରହ କରି ନେଇଥିଲା। ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅନିଲ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବ୍ୟବସାୟୀ ପ୍ରଶାନ୍ତ ପାତ୍ର ଖେଳାଳିମାନଙ୍କୁ ଉପଢ଼ୌକନ ପ୍ରଦାନ କରିଥିଲେ। ରଷିକୁଲ୍ୟା କ୍ରିକେଟ କ୍ଲବ ଉପସଭାପତି ସଞ୍ଜୟ ପଣ୍ଡା, ସମ୍ପାଦକ ରଜନୀକାନ୍ତ ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

### ବ୍ଲକସ୍ତରୀୟ ଜନସମ୍ପର୍କ ଶିବିର

**ବାଲିଗୁଡା,୬।୨(ଡି.ଏନ୍.ଏ.):** ବାଲିଗୁଡା ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ବିଶ୍ୱନାଥ ବାରିକ, ଆଇଟିଡିଏ ପିଏ ରାଜେନ୍ଦ୍ର ରଣଜିତ, ଡିଡବ୍ଲୁଓ ଶେଷଦେବ କହଁର, ଏଡିଡବ୍ଲୁଓ ଦୟାନିଧି ନାୟକ, ଆଇଟିଡିଏର ପ୍ରୋଜେକ୍ଟ ମ୍ୟାନେଜର ସମୀରନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୋ ସରକାର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲିଗୁଡା ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ମିଶନଶକ୍ତି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଏଡିଡବ୍ଲ୍ୟୁଓ ଧନ୍ୟବାଦ ଅର୍ପଣ କରିଥିଲେ।




# କେରଳ ଫେରନ୍ତା ୪ ଜଣଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା


ମେଡିକାଲ ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

**ଫୁଲବାଣୀ ଅଫିସ, ୬।୨**

କରୋନା ଭୟ ଏବେ ସବୁଠି ଘାରିଛି। ଚାଇନାରୁ ଫେରିଥିବା ଜଣେ ଡାକ୍ତରୀ ଛାତ୍ରଙ୍କୁ ନେଇ କନ୍ଧମାଳ ଜିଲା ଫୁଲବାଣୀରେ କରୋନା ଭୂତାଣୁକୁ ନେଇ ଭୟ ସୃଷ୍ଟି ହୋଇଥିଲା। ତାଙ୍କ ନମୁନା ପରୀକ୍ଷା ପରେ ସେ ଏଥିରେ ସଂକ୍ରମିତ ହୋଇ ନ ଥିବା ସ୍ପଷ୍ଟ ହୋଇଛି।କେରଳରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ସେଠାରୁ ଫେରୁଥିବା ଲୋକଙ୍କ ଉପରେ ମଧ୍ୟ ସତର୍କ ଦୃଷ୍ଟି ରଖାଯାଇଥିଲା। କେରଳରେ କାମ କରୁଥିବା ୪ ଜଣ କିଛି ଦିନ ତଳେ ଖଜୁରିପଡା ବ୍ଲକ ଆର.ନୂଆଗାଁକୁ ଫେରିଥିଲେ। ଖଜୁରିପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। ଥଣ୍ଡା, କାଶ ଏବଂ ଜ୍ୱର ଥିଲେ ଏହା କରୋନା ସଂକ୍ରମିତ ହେବା ସମ୍ଭାବନା ରହିଥିବାରୁ ସେମାନଙ୍କ ପରୀକ୍ଷା କରାଯାଇଥିଲା। ହେଲେ ସେମାନଙ୍କ ପାଖରେ ସେଭଳି କିଛି ଲକ୍ଷଣ ଦେଖା ଯାଇ ନ ଥିଲା। ଡା.ନିମାଇଁ ଚରଣ ବିଶି, ଏଏନ୍‌ଏମ୍ ସୁନୀତା ଦାସ, ପିଏଚ୍‌ଇଓ ଜ୍ଞାନରଞ୍ଜନ କହଁର, ସ୍ୱାସ୍ଥ୍ୟକର୍ମୀ କୃଷ୍ଣ ଚନ୍ଦ୍ର ପୃଷ୍ଟି, ଆଶା କର୍ମୀ ଗୀତାଞ୍ଜଳି ନାୟକ ଓ କୌଳାସ ଗଣ୍ଡା ଆର.ନୂଆଗାଁକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଶେଷ ଦିନରେ ମହୋତ୍ସବକୁ ଫିକାକଲା ବର୍ଷା

**ଫୁଲବାଣୀ ଅଫିସ, ୬।୨**

କନ୍ଧମାଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ତେବେ ସନ୍ଧ୍ୟାରୁ ବର୍ଷା ହେବାରୁ ଉତ୍ସବ ଫିକା ପଡିଯାଇଛି। ୪ଦିନ ଭରପୂର ମନୋରଞ୍ଜନର ଖୋରାକ ଯୋଗାଉଥିବା ଖୋଲାମଞ୍ଚ ଖାଲି ପଡ଼ିଥିଲା। ବର୍ଷାଯୋଗୁ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଯାଇଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଘରକୁ ଫେରିଛନ୍ତି। ସବୁଠୁ ଅଧିକ କ୍ଷତି ସହିଛନ୍ତି ବ୍ୟବସାୟୀ। ସାଧାରଣତଃ ଉତ୍ସବର ଶେଷ ଦିନରେ ପଲ୍ଲିଶ୍ରୀ ମେଳାରେ ଅଧିକ କିଣାବିକା ହୋଇଥାଏ। ହେଲେ ବ୍ୟବସାୟୀମାନେ ବ୍ୟବସାୟ ପରିବର୍ତ୍ତେ ନିଜର ଜିନିଷ କିପରି ବର୍ଷାରେ ନ ଭିଜିବ ସେଥିପାଇଁ ଚେଷ୍ଟା କରୁଥିଲେ। ସେହିପରି ଖାଦ୍ୟ ଷ୍ଟଲରେ ମଧ୍ୟ ଅନୁରୂପ ଅବସ୍ଥା ପରିଲକ୍ଷିତ ହୋଇଥିଲା। ଶେଷ ଦିନରେ ଅଧିକ ବ୍ୟବସାୟ ହେବା ଆଶା କରି ଅଧିକ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସେଥିରୁ ଅଧାରୁ ଅଧିକ ଜିନିଷ ବିକ୍ରି ହୋଇ ପାରି ନ ଥିଲା। ବର୍ଷା କେବଳ ବ୍ୟବସାୟୀଙ୍କର ନୁହେଁ ସମସ୍ତଙ୍କ ମନକୁ ଖରାପ କରିଦେଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଗଜପତି, ବଲାଙ୍ଗୀର ଜିଲାର ଲୋକନୃତ୍ୟ ଓ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଥିଲା। ଖବର ଲେଖାଯିବା ସୁଦ୍ଧା ସମସ୍ତ ସାଂସ୍କୃତିକ କାର୍ଯ୍ୟ ବନ୍ଦ ରହିଥିଲା।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଜି.ଉଦୟଗିରି,୬।୨(ଡି.ଏନ.ଏ.)**

ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଡେପୁଟି ଅଗ୍ନିଶମ ଅଧିକାରୀ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇ ମହିଳା ସଶକ୍ତୀକରଣରେ ଆତ୍ମ ସୁରକ୍ଷା କୌଶଳ ତାଲିମର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ସରୋଜ କୁମାର ପରିଡ଼ା ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସୁଧାଂଶୁ ଶେଖର ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଯାପନୀ ସମାରୋହରେ ଅଧ୍ୟାପକ ଡ. ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନ ଜାରି

## ତାଜୁଙ୍ଗିଆ ହାଇସ୍କୁଲ
■ଶନିବାର ରାସ୍ତା ଅବରୋଧ ପାଇଁ ସଜବାଜ

**ଦାରିଙ୍ଗବାଡ଼ି,୬।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡାର ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରେ ଛାତ୍ରୀଛାତ୍ର ଓ ଅଭିଭାବକ ତାଲା ପକାଇ ଆନ୍ଦୋଳନ ଚାଲୁ ରଖିଛନ୍ତି। ଗୁରୁବାର ଏହା ଦ୍ୱିତୀୟ ଦିନରେ ପହଞ୍ଚିଛି। ମାତ୍ର ଘଟଣାସ୍ଥଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚିନାହାନ୍ତି। ଆଗକୁ ଦଶମ ବୋର୍ଡ଼ ପରୀକ୍ଷା ରହିଥିବାବେଳେ ଅଭିଭାବକ ଏବେ ଚିନ୍ତାରେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ବଳିଆରସିଂଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ନିକଟରେ ପହଞ୍ଚି ବିଦ୍ୟାଳୟର ସମସ୍ୟା କହିବା ସହ ଦାରିଙ୍ଗବାଡ଼ି-ବ୍ରାହ୍ମଣୀଗାଁ ରାସ୍ତା ମେରାମାହା ଛକଠାରେ ଶନିବାର ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଆଇନକୁ ହାତକୁ ନେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ଶୁଣାଇଦେଇଛି। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏବେ କୌଣସି ପ୍ରକାରେ ହାଇସ୍କୁଲ ପାଇଁ ଶିକ୍ଷକ ପଦବୀ ପୂରଣ କରିବା ସମ୍ଭବ ନୁହେଁ। ଆସନ୍ତା ଶିକ୍ଷା ବର୍ଷରେ ପୂରଣ ହୋଇପାରେ ବୋଲି ସେ ଆଶା ରଖିଥିବା କହିଛନ୍ତି।

# ସାରସ୍ୱତ ସାଧକ ନୃସିଂହାନନ୍ଦ ସମ୍ମାନିତ


ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସହ ନୃସିଂହାନନ୍ଦ ମହାପାତ୍ର।

**ଫୁଲବାଣୀ ଅଫିସ, ୬।୨**

ଫୁଲବାଣୀ ଆଇଟିଆଇର ତାଲିମପ୍ରାପ୍ତ ଅଧିକାରୀ ତଥା କବି, ଗାଳ୍ପିକ ଏବଂ ସାରସ୍ୱତ ସାଧକ ନୃସିଂହାନନ୍ଦ ମହାପାତ୍ର ପୁଣି ସମ୍ମାନିତ ହୋଇଛନ୍ତି। ବ୍ରହ୍ମପୁର ଖଲ୍ଲିକୋଟ କଲେଜ ପଡିଆରେ ଚାଲିଥିବା ବ୍ରହ୍ମପୁର ମହାନଗର ମହୋତ୍ସବ ରେଶମ ସହର ପୁସ୍ତକ ମେଳାରେ ତାଙ୍କୁ ସମ୍ମାନିତ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ନୃସିଂହାନନ୍ଦଙ୍କୁ ମହାନଗର ସାହିତ୍ୟ ଏବଂ ପୁସ୍ତକ ସମ୍ମାନରେ ସମ୍ମାନିତ କରିଥିଲେ। ସାହିତ୍ୟ ପ୍ରତି ସମର୍ପଣ ଭାବ, ଆନ୍ତରିକତା, ନିରନ୍ତର ସାଧନା, ପୁସ୍ତକ ରଚନା ଓ ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ଆବାହକ ଇଂ.ଉମାଶଙ୍କର ପାଣିଗ୍ରାହୀ, ସଂଯୋଜକ ମିହିର ତ୍ରିପାଠୀ, ସଭାପତି ନାରାୟଣ ମହାକୁଡ, ସମ୍ପାଦକ ଗୋପାଳ ପଟ୍ଟନାୟକ, କୋଷାଧକ୍ଷ ପ୍ରଣୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୃସିଂହାନନ୍ଦଙ୍କ ଦ୍ୱାରା ଲିଖିତ ଭାରତର ସାଧୁସନ୍ଥଙ୍କ ଜୀବନୀ ଓ ନୀତିଶିକ୍ଷା ଶାସ୍ତ୍ର ବହୁ ଜନାଦୃତ ହୋଇଛି। ସେହିପରି ତାଙ୍କ ରଚିତ ବହୁ କବିତା ଏବଂ ଗଳ୍ପ ମଧ୍ୟ ପ୍ରକାଶ ପାଇଛି। ବିଗତ ଦିନରେ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇ ଆସିଛନ୍ତି।

# ସିମନବାଡ଼ି ହାଇସ୍କୁଲରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ



ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀକୁ ବିଇଓ ଉଦ୍‌ଘାଟନ କରୁଛନ୍ତି।

**ଦାରିଙ୍ଗବାଡ଼ି,୬।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ହାଇସ୍କୁଲରେ ଗୁରୁବାର ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀକୁ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ ଉଦ୍‌ଘାଟନ କରିଛନ୍ତି। ଏହା ୩ ଦିନ ଧରି ଅଞ୍ଚଳରେ ରହିଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ବିଦ୍ୟାଳୟ ସମେତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷାଦାନ କରାଯିବ। ବିଶେଷକରି ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଏହି ବିଜ୍ଞାନ ପ୍ରଦର୍ଶନୀ ଦେଖିବାକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଏବଂ ଜନସାଧାରଣ ଭିଡ଼ ଜମାଇଛନ୍ତି। ଉକ୍ତ ଅଞ୍ଚଳରେ ପ୍ରଥମ ଥର ପାଇଁ ପ୍ରଶାସନ ପକ୍ଷରୁ ବିଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ଗାଡ଼ି ପହଞ୍ଚିଥିବାରୁ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି। ପ୍ରଧାନ ଶିକ୍ଷକ ଶିଶିର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଉଦ୍‌ଘାଟନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଓ ବ୍ରାହ୍ମାନନ୍ଦ ରାଉତ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ଆବଶ୍ୟକତା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ସହ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଢ଼େଙ୍କାନାଳରୁ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନ ବସ୍ ନେଇ ଆସିଥିବା ଅମିତ କୁମାର ସେଠୀ, ଜଗନ୍ନାଥ ମିଶ୍ର, ମନ୍ମଥ ଜେନା, ବିନ୍ଦୁ ସାଗର ଲେଙ୍କା, ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୀବ କୁମାର ବେହେରା, ସରପଞ୍ଚ ପ୍ରତିନିଧି ପରମେଶ୍ୱର ପ୍ରଧାନ, ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ପ୍ରଦର୍ଶନୀରେ ବିଭିନ୍ନ ବିଷୟ ସମ୍ପର୍କରେ ଅବଗତ କରାଇଥିଲେ।

# ଫ୍ରେଣ୍ଡସ୍ କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଫିରିଙ୍ଗିଆ, ୬।୨**

ଫିରିଙ୍ଗିଆ ବ୍ଲକ ବନ୍ଧଗଡଠାରେ ଫ୍ରେଣ୍ଡସ କପ ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଫିରିଙ୍ଗିଆ ଥାନାଧିକାରୀ ପି ଶ୍ୟାମ ସୁନ୍ଦର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବାଲିଗୁଡା ଓ କନ୍ଦ୍ରିଙ୍ଗିଆ ଟିମ ମଧ୍ୟରେ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଗଜପତି ଜିଲା ପାଣିଗଣ୍ଡା ସହ ଫୁଲବାଣୀ, ତୃତୀୟ ମ୍ୟାଚ ତୁମୁଡିବନ୍ଧ ଓ ବାକିଙ୍ଗିଆ ଟିମ ମଧ୍ୟରେ ହୋଇଥିଲା। ବାଲିଗୁଡା, ଫୁଲବାଣୀ ଓ ବାକିଙ୍ଗିଆ ଟିମ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଛନ୍ତି। ସରୋଜ କୁମାର ପୃଷ୍ଟି, ଧର୍ମେନ୍ଦ୍ର ଦିଗାଳ, ଅବନି ମୁଖୀ, ମାନସ ବିଶୋୟୀ ଓ ସାନୁ ବାରିକ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଛନ୍ତି। ୧୦ରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ ମା' ବରାଳ ଦେବୀ ଫ୍ରେଣ୍ଡସ କ୍ଲବ ସଭାପତି ତପନ କୁମାର ପୃଷ୍ଟି, ଉପ ସଭାପତି ରୋହିତ କୁମାର ନାଏକ, ସମ୍ପାଦକ ଶରତ କୁମାର ମୁଖୀ, କୋଷାଧକ୍ଷ ସୁରେଶ କୁମାର ସାହୁ ଓ ମ୍ୟାନେଜର ସୀମାଞ୍ଚଳ ମୁଖୀ ଜଣାଇଛନ୍ତି।


ଅତିଥିଙ୍କ ସହ ଖେଳାଳିମାନେ।

# ବିଦ୍ୟାଳୟରେ ଅବ୍ୟବସ୍ଥା, ଆନ୍ଦୋଳନ ଚେତାବନୀ

## ମୁଣ୍ଡୁଲାବାଲି ବିଦ୍ୟାଳୟ

**ଦାରିଙ୍ଗବାଡ଼ି,୬।୨(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ପର୍ଡମାହା ପଞ୍ଚାୟତ ମୁଣ୍ଡୁଲାବାଲି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୫ ଛାତ୍ରୀଛାତ୍ର ପଢୁଛନ୍ତି। ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀଛାତ୍ରଙ୍କୁ କିଛି ସମୟ ପାଠ ପଢ଼ିବା ପରେ ସାଢ଼େ ୨ଟା ଠାରୁ ଖେଳଛୁଟି କରିଦିଅନ୍ତି ବୋଲି ଗ୍ରାମର ପବିତ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଏନେଇ ପବିତ୍ର ଶିକ୍ଷକ ଯୁଧୀଷ୍ଠିର ପ୍ରଧାନଙ୍କୁ ପଚାରିବାରୁ ନୂତନ ନିୟମ ହୋଇଛି ଛାତ୍ରୀଛାତ୍ର ୨ଟା ପରେ ଖେଳିବେ ବୋଲି କହିଥିଲେ। ପରେ ଏହା ମିଥ୍ୟା ବୋଲି ପବିତ୍ର ଜାଣିବାକୁ ପାଇଥିବା କହିଛନ୍ତି। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ପରେ ବହୁ ସମୟରେ ବିଇଓଙ୍କ କାର୍ଯ୍ୟାଳୟକୁ ଯାଉଛି କହି ଦାରିଙ୍ଗବାଡି ପଳାନ୍ତି ବୋଲି କହିଛନ୍ତି ଗ୍ରାମର ମାଥିଆସ ବଳିଆରସିଂ। ସେହିପରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ଜଣକ ପ୍ରତିଦିନ ଡାଲି, ଚାଉଳ ଏବଂ ପନିପରିବା କମ୍ ପରିମାଣର ଦେବାସହ ପିଲାଙ୍କୁ ଖାଇବାକୁ ଦେବା ସମୟରେ ଅଧିକ ନଦେବାକୁ ତାଗିଦ କରୁଥିବା ରୋଷେୟା ଦାୟିତ୍ୱରେ ରହିଥିବା ଫିଲିମିନା ଦିଗାଳ ଏବଂ ଚାନ୍ଦମା ପ୍ରଧାନ କହିଛନ୍ତି।

ସେହିପରି ବିଦ୍ୟାଳୟରେ ଥିବା କାର୍ଯ୍ୟାଳୟ ଭିତରେ ମଧ୍ୟାହ୍ନ ଭୋଜନ ଚାଉଳ ସମେତ ପଚାଶଢା ପନିପରିବା ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି। ପିଲାଙ୍କ ପାଇଁ ଆସିଥିବା ପାଠ୍ୟପୁସ୍ତକ ଗୁଡ଼ିକୁ ମଧ୍ୟ କାର୍ଯ୍ୟାଳୟରେ ତଳେ ଗଦା କରି ରଖାଯାଇଛି। ପରିତ୍ୟକ୍ତ ଅବସ୍ଥାରେ ରହିଥିବା କାର୍ଯ୍ୟାଳୟ ଭିତରେ ସମସ୍ତ ରନ୍ଧା ସମାଗ୍ରୀ ରଖାଯାଉଛି। ବିଦ୍ୟାଳୟରେ ଅନିୟମିତତାକୁ ବରଦାସ୍ତ କରାଯିବନି, ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏନେଇ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବ୍ୟକ୍ତିଗତ କାର୍ଯ୍ୟପାଇଁ ଦାରିଙ୍ଗବାଡ଼ି ଯାଉଛି। ବିଇଓଙ୍କ ଠାରୁ ଅନୁମତି ନେବା କଥା ପଚାରିବାରୁ କୌଣସି ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତ କୁହନ୍ତି, ବୁଧବାର ବିଦ୍ୟାଳୟ ଅଧାରୁ ଛାଡ଼ି ଆସିଥିବା ସୂଚନା ପାଇ ଏ ସମ୍ପର୍କରେ ତାଙ୍କୁ ପଚାରିଥିଲି, ସେ ଦାରିଙ୍ଗବାଡ଼ି ଆସିଲେ ବିଇଓ କାର୍ଯ୍ୟାଳୟକୁ ଆସି ନ ଥିବା ବିଇଓ କହିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଏନେଇ ଜିଲାପ୍ରଶାସନକୁ ଜଣାଇବେ ବୋଲି କହିଛନ୍ତି।


ତଳେ ଗଦା ହୋଇଥିବା ପନିପରିବା ଓ ଅନ୍ୟ ସାମଗ୍ରୀ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ

**ବ୍ରହ୍ମପୁର ଅଫିସ,୬ା୨**

ବଡବଜାର ଥାନା ପୋଲିସ ଏକ ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି। ୩ ଅପରାଧୀ ଓ ୨ ଜଣ ଲୁଟ ଟଙ୍କା ରଖିଥିବା ଅଭିଯୋଗରେ ବୁଧବାର ବିଳମ୍ବିତ ରାତିରେ ସେମାନଙ୍କୁ ଗିରଫ କରିଛି ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଲାଞ୍ଜିପଲ୍ଲୀ ଡ଼ିପ ସାହିର ସୁନୀଲ ବିଷୋୟୀ, ବଡବଜାର ଶ୍ରୀରାମନଗରର ମୁନା ମହାରଣା, ଆସ୍କାରୋଡ ମଥୁରା ନଗରର ପ୍ରତୀକ ଦଳାଇ ଓ ଲୁଟ ଟଙ୍କା ରଖିଥିବା ପାଟପୁର ଥାନା କଙ୍କରଡାର ରାଜା ଚୌଧୁରୀ ଓରଫ ଷ୍ଟାଇଲିଶ ଲକି ଓ ଭାବିନୀପୁର ଗ୍ରାମର ନିରଞ୍ଜନ ଗୌଡ଼। ପୋଲିସ ୩୬ ଲକ୍ଷ ୭୭ ହଜାର ଟଙ୍କା, ୪୭ ହଜାର ଟଙ୍କାର ସୁନା ଗହଣା, ୫ ଦାମୀ ମୋବାଇଲ ଫୋନ ଜବତ କରିଛି। ଘଟଣାରେ ୨ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ଥିବା ବେଳେ

### ୫୦ ଲକ୍ଷ ଟଙ୍କା ଡକାୟତି ଘଟଣାର ପର୍ଦ୍ଦାଫାଶ

**■୩୭ ଲକ୍ଷ ଟଙ୍କା, ୪୭ ହଜାର ଟଙ୍କାର ସୁନା ଗହଣା, ୫ ମୋବାଇଲ ଜବତ**



ଗିରଫ ଅଭିଯୁକ୍ତ।

ସେମାନଙ୍କ ନିକଟରେ ବନ୍ଧୁକ ଓ ବଳକା ଟଙ୍କା ରହିଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଘଟଣା ପରଠାରୁ ଭୟଭୀତ ହୋଇ ରହିଥିବା ଏଜେଣ୍ଟ ଚକାଡୋଳା ମାଝିଙ୍କୁ ପୋଲିସ ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ଅଞ୍ଚଳରୁ ଉଦ୍ଧାର କରିଛି। ପୋଲିସ କୋର୍ଟରେ ଗୁରୁବାର ଚକାଡୋଳାଙ୍କ ବୟାନ ରେକର୍ଡ କରିଛି।

ପ୍ରକାଶ ଯେ, କଲିକତାର ଖୁସି ଟ୍ରେଡିଂ ନାମକ ଏକ ଗାର୍ମେଣ୍ଟ କମ୍ପାନୀ ବ୍ରହ୍ମପୁରରେ ବ୍ୟବସାୟ ଚଳାଇଥିଲା। କଲିକତାରୁ ବ୍ରହ୍ମପରକୁ ଏକ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟ ଜରିଆରେ ସାମଗ୍ରୀ ଆସୁଥିଲା। ଉକ୍ତ କମ୍ପାନୀର ଏଜେଣ୍ଟ ଚକାଡୋଳା ବ୍ରହ୍ମପୁରର ବିଭିନ୍ନ ବ୍ୟବସାୟୀଙ୍କଠାରୁ ସଂଗ୍ରହ କରିଥିବା ୫୦ ଲକ୍ଷ ଟଙ୍କା ନେଇ ଗତ ଜାନୁୟାରୀ ୨୩ ରେ ବସ୍ ଯୋଗେ ଭୁବନେଶ୍ୱର ଯାଉଥିଲେ। ବାଲୁଗାଁଠାରେ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରି ସେ ଧରିଥିବା ଟଙ୍କା ଭର୍ତ୍ତି ବ୍ୟାଗ ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଟଙ୍କା ନ ପାଇ କମ୍ପାନୀ ମାଲିକ ଅଶୋକ ମୁନ୍ଦ୍ରା ବ୍ରହ୍ମପୁର ଆସି ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ. ୧୪/୨୦ରେ ଏକ ମାମଲା ରୁଜୁ କରିଥିଲା।

## ମହିଳାଙ୍କର ସମାଜ ପ୍ରତି ଗୁରୁଦାୟିତ୍ୱ ରହିଛି



ଉପସ୍ଥିତ ଅତିଥି ଓ ଛାତ୍ରୀ ।

**ବ୍ରହ୍ମପୁର ଅଫିସ,୬ା୨**

ବ୍ରହ୍ମପୁର ଗିରିରୋଡସ୍ଥିତ ଭିଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ ବିଭାଗ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତନୁ କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବିନୀତା ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରୋଟାରିୟାନ ଡା. ନାରାୟଣ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁଚରଣ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ । ମହିଳାଙ୍କର ସମାଜ ପ୍ରତି ରହିଥିବା ଗୁରୁଦାୟିତ୍ୱ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ସମସ୍ୟା ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କଦ୍ୱାରା ପରିବେଷିତ ଦାସକାଠିଆ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ବରିଷ୍ଠ ଶିକ୍ଷକ ରାମନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ ।

### ସଂକ୍ଷେପରେ

## ଜଳାଶୟ ଜବରଦଖଲ, ଉଚ୍ଛେଦ ଲାଗି ପ୍ରଶାସନିକ ପ୍ରସ୍ତୁତି

**ଦିଗପହଣ୍ଡି,୬ା୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଛକ ରାସ୍ତା କଡ଼ରେ ଥିବା ରାଜସ୍ୱ ବିଭାଗ ଅଧୀନ ସରକାରୀ ଜଳାଶୟକୁ ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ମଧ୍ୟାହ୍ନରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କା, ସିଦ୍ଧେଶ୍ୱର ଆର୍‌ଆଇ ତିଳୋତ୍ତମା ଦୋରା ଜଳାଶୟ ନିକଟରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ସିଦ୍ଧେଶ୍ୱର ମୌଜା ରାଜସ୍ୱ ବିଭାଗ ଖାତା ନଂ-୯୯୫ ପ୍ଲଟ ନଂ-୧୫୪୪ରେ ୩୧୦ ଡେସିମିଲ ଜମିରେ ଥିବା ଜଳାଶୟ ଚାରିପାଖ ସମେତ ନିକଟରେ ଥିବା ସରକାରୀ ରକ୍ଷିତ ଜମିର ପ୍ଲଟ ନଂ -୧୫୪୩ରେ ମୋଟ ୩୧୦ ଡେସିମିଲ ଏବଂ ୧୫୪୫ରେ ଥିବା ମୋଟ ୩୭୦ ଡେସିମିଲ ମୋଟ ରକବା ୦.୮୪୦ ଡେସିମିଲ ଗୋଚର ଜମିକୁ ଜବରଦଖଲ କରି ପନିପରିବା ଚାଷ କରୁଥିବା ବ୍ୟକ୍ତି ମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ଡକାଇଥିଲେ। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ନିର୍ଦ୍ଦେଶକ୍ରମେ ତୁରନ୍ତ ଚାଷ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଚେତ୍ ଜବରଦଖଲ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି। ଜବରଦଖଲ ଉଚ୍ଛେଦ ପରେ ସମ୍ପୃକ୍ତ ଜଳାଶୟ (ପୋଖରୀ)କୁ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନଆର୍‌ଇଜିଏସ ଯୋଜନାରେ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ଯୋଜନା ରହିଥିବା ବିଡିଓ କହିଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର

**ସୋରଡ଼ା,୬ା୨(ଡି.ଏନ.ଏ.):** ପିସିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୪ ଦିନିଆ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧକ୍ଷା ସଞ୍ଜୁକ୍ତା ପଣ୍ଡା ଓ ଅଧାପକ ରାଜେଶ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀ ସାମିଲ ହୋଇଥିଲେ। ଅଧାପକ ଏଲିଜା ପଟ୍ଟନାୟକ, ସସ୍ମିତା ପଣ୍ଡା ଶିବିର ପରିଚାଳନା କରୁଥିବାବେଳେ ଆସନ୍ତା ୧୭ ପର୍ଯ୍ୟନ୍ତ ଏହା ଚାଲିବ। ମଙ୍ଗଳବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍‌ଏସି ପୂର୍ବତନ ଅଧକ୍ଷା ସଂଘମିତ୍ରା ସ୍ୱାଇଁ ଯୋଗଦେଇ ଶୁଭାରମ୍ଭ କରିଥିଲେ।

## ଦେବରାଜ ସାହିତ୍ୟ ଅନୁଷ୍ଠାନର ସ୍ୱତନ୍ତ୍ର ଅଧିବେଶନ



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୬ା୨**

ବ୍ରହ୍ମପୁର ସହରର ତ୍ରିପାଠୀ ନଗରସ୍ଥିତ ରାଜାଧିରାଜ ଦେବରାଜ ସାହିତ୍ୟାନୁଷ୍ଠାନର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ପ୍ରତିଷ୍ଠାତା ବିଷ୍ଣୁପ୍ରସାଦ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରଫେସର କୃଷ୍ଣଚନ୍ଦ୍ର ଜେନା, ମୁଖ୍ୟବକ୍ତା ଡ.କୁଳମଣି ଓଝା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରକୁ କିରଣବାଳା ମିଶ୍ର ଓ ବନ୍ଦନା ମହାପାତ୍ର ସଂଯୋଜନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଆୟୋଜିତ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭାରେ ଶିଶୁ ସାହିତ୍ୟିକ ନିରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ବିଧାୟକ ଡା.ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ପଣ୍ଡିତ ଶିଶିର ଶତପଥୀଙ୍କ ଦ୍ୱାରା ରଚିତ 'ପ୍ରତିକାର ମଙ୍ଗଳଦୋଷ ଓ କାଳସର୍ପ ଦୋଷ' ଏବଂ ବାଲ୍ମୀକି ହୋତାଙ୍କ 'ଶ୍ଳୋକମାଳା' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଡା.ଚନ୍ଦ୍ରମଣି ସ୍ୱାଇଁ, ଅଧ୍ୟାପକ ରମେଶ ଜେନା, ଲେଖିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ, କବି ସୁଶାନ୍ତ ଦାଶ, କାଳିନ୍ଦୀ ଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଚନ୍ଦ୍ରଶେଖର ମହାପାତ୍ର ଭଜନ ପରିବେଷଣ କରିଥିବା ବେଳେ ସୁନନ୍ଦା ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ସୁଧାଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମିହିର ରଞ୍ଜନ ତ୍ରିପାଠୀ, ନୀହାରିକା ସାହୁ, ସୁଚେତା ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍ମଚାରୀଙ୍କ ଧାରଣା ଜାରି, ଛାତ୍ରଙ୍କ ପ୍ରତିବାଦ

**ଗୋପାଳପୁର,୬ା୨**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପାଲୁର ହିଲ୍‌ସ୍ଥିତ ନିଷ୍ଟ କଲେଜ ପରିଚାଳନା କମିଟିର ବାଦବିବାଦ ଯୋଗୁ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ବଢୁଥିବାବେଳେ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଦିବାରାତ୍ର କର୍ମଚାରୀମାନେ ନିଷ୍ଟ କଲେଜ ଗେଟ ସମ୍ମୁଖରେ ଧାରଣା ଦେଇଥିବାବେଳେ ଏହା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ଅନ୍ୟପଟେ କଲେଜ ଛାତ୍ରୀଛାତ୍ରମାନେ ୬ ଦିନ ହେବ ଏହାର ପ୍ରତିବାଦ କରି ଆସୁଛନ୍ତି। କର୍ମଚାରୀଙ୍କ କହିବାନୁସାରେ, ପରିଚାଳନା କମିଟିର ବାଦବିବାଦ ଲାଗି ରହିଛି। ଚେୟାରମ୍ୟାନ ଓ ରେଜିଷ୍ଟ୍ରାର ବିବାଦକୁ ସମାଧାନ କରିବା ପାଇଁ ରାଜି ହେଉଥିବାବେଳେ ଡାଇରେକ୍ଟର ଓ ପ୍ରିନ୍ସପାଲ ବିଭିନ୍ନ ବାହାନା ଦେଖାଇ ଆଲୋଚନା କରିବାକୁ ଆସୁନାହାନ୍ତି। ଏନେଇ କର୍ମଚାରୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ଆର୍‌ଡିସି, କୁଳାଧିପତି ବିପିୟୁଟି ଓ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାର ସମାଧାନ ପାଇଁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବଙ୍କୁ କର୍ମଚାରୀମାନେ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପଟେ ଯେତେଦିନ ପର୍ଯ୍ୟନ୍ତ ଚେୟାରମ୍ୟାନ ଓ ଡ଼ାଇରେକ୍ଟର କିମ୍ବା ପ୍ରିନ୍ସପାଲ ଓ ରେଜିଷ୍ଟ୍ରର ଆସି କଲେଜକୁ ସୁରକ୍ଷିତ ଭାବେ ଚଳାଇବା ଏବଂ ରାଜ୍ୟ ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ଯେଉଁଦିନ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଉପଜିଲାପାଳ ଭାଉସାହେବଙ୍କୁ ଯୋଗାଯୋଗ କରିବାରୁ ବର୍ତ୍ତମାନ ଡାଇରେକ୍ଟରଙ୍କୁ ଡ଼କାଯାଇଛି। ଆସନ୍ତା ୧୩ରେ କଲେଜ କମିଟି ସହ ଆଲୋଚନା କରି ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିବା ସହ ଧାରଣାରୁ କର୍ମଚାରୀମାନେ ଓହରିବା ପାଇଁ ସେ କହିଥିଲେ। ଏନେଇ ଚେୟାରମ୍ୟାନ ଡ଼. ସୁକାନ୍ତ କୁମାର ମହାପାତ୍ରଙ୍କ ସହ ମୋବାଇଲ ନଂ. ୯୪୩୭୪୯୧୨୦୪କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ରିସିଭ୍ କରିନଥିଲେ। ଅପରପକ୍ଷରେ ଡାଇରେକ୍ଟର ସଂଗ୍ରାମ ମୁଦୁଲିଙ୍କ ସହ ନଂ.୯୪୩୭୦୧୧୧୬୫ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

ସୂଚନାଥାଉକି, ଗତ ୧ ବର୍ଷ ତଳେ ପରିଚାଳନା କମିଟି ଦ୍ୱାରା ରେଜିଷ୍ଟ୍ରର ଭାବେ କ୍ଷୀରୋଦ କୁମାର ମହାପାତ୍ର ନିଯୁକ୍ତି ପାଇବା ପରେ କଲେଜର ବହୁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗତ ୩ ତାରିଖରେ ନିର୍ଦ୍ଦେଶକ ତାଙ୍କୁ ବିଭିନ୍ନ ଆଳ ଦେଖାଇ ବହିଷ୍କାର କରି ଦେଇଥିଲେ। ଚେୟାରମ୍ୟାନ୍ ନିଷ୍ଟକୁ ଘରୋଇ ବିଶ୍ୱବିଦ୍ୟାଳୟ କରିବା ପାଇଁ ଯେଉଁ ପ୍ରୟାସ କରିଥିଲେ ତାହାକୁ ଡାଇରେକ୍ଟର ସହଯୋଗ କରୁ ନ ଥିବା ନେଇ ଅଭିଯୋଗ ଉଠୁଛି। ଏହାକୁ ଛାତ୍ରୀଛାତ୍ର ଓ କର୍ମଚାରୀ ବିରୋଧ କରି ଧାରଣା ଜାରି ରଖିଛନ୍ତି।



କଲେଜ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।

### ନିଷ୍ଟ କଲେଜ ପରିଚାଳନା କମିଟି ବିବାଦ ଘଟଣା




ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ସଡକ ସୁରକ୍ଷା ବାର୍ତ୍ତା ନେଇ ଗୁରୁବାର ରୋଲାଣ୍ଡ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସଚେତନତା ପଦଯାତ୍ରା । (ଫଟୋ–ସମୀର)

## କାତିରେ ଆକ୍ରମଣ ଘଟଣା, ଜଣେ କୋର୍ଟଚାଲାଣ

**ଗୋପାଳପୁର,୬ା୨:** ଗୋପାଳପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଗତ ୪ ତାରିଖରେ ତାଙ୍କ ସାଙ୍ଗ ଉପରକୁ କାତି ଫିଙ୍ଗିଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ପୋଲିସ ଗୁରୁବାର ଅପରାହ୍ନରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ବଡ଼ଗୁମୁଳା ଗ୍ରାମର ବାଦଲ ନାୟକ। ବଡ଼ଗୁମୁଳା ଗ୍ରାମର ବାଦଲ ବଡ଼କୁଶସ୍ଥଳୀ ପଞ୍ଚାୟତ ନିକଟରେ ଚିକେନ ଦୋକାନ କରିଥିଲେ। ସାଙ୍ଗ ସଞ୍ଜୟ ନାୟକ ବାଦଲଙ୍କ ଦୋକାନ ପାର୍ଶ୍ୱରେ ମଟନ ଦୋକାନ କରିଥିଲେ। ୪ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ଉଭୟଙ୍କ ମଧ୍ୟରେ କୌଣସି ବିଷୟକୁ ନେଇ ବିବାଦ ହେବାରୁ ବାଦଲ ଚିକେନ କାଟୁଥିବା କାତିଟିକୁ ସଞ୍ଜୟଙ୍କ ଉପରକୁ ଫିଙ୍ଗି ଦେଇଥିଲେ। କାତିଟି ସଞ୍ଜୟଙ୍କ ପିଠିରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣା ପରଠାରୁ ବାଦଲ ଫେରାର ଥିଲେ। ସଞ୍ଜୟଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ନଂ.୧୩/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଗ୍ରାମରେ ଚଢାଉ କରି ବାଦଲଙ୍କୁ ଗିରଫ କରିଥିଲେ।

# ନାଚକରି ପାଠ ପଢ଼ାଇ ଚର୍ଚ୍ଚାରେ ଶିକ୍ଷକ

**ଦିଗପହଣ୍ଡି, (ଡି.ଏନ.ଏ.)/ ପାଟପୁର,୬ା୨**

ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ନାଚଗୀତ ମାଧ୍ୟମରେ ପିଲାଙ୍କୁ ପାଠ ପଢ଼ାଇ ଚର୍ଚ୍ଚାରେ ରହିଛନ୍ତି। ଶିକ୍ଷକ ଜଣକ ହେଲେ ସଦାଶିବ ପାଢ଼ୀ। କେବଳ ପାଠପଢ଼ା ନୁହେଁ ନାଚ ଗୀତରେ ପିଲାଙ୍କୁ ନୀତିବାଣୀ ବି ଶିଖାଉଛନ୍ତି ଏହି ଶିକ୍ଷକ। ଛାତ୍ରୀଛାତ୍ର ନିୟମିତ ବିଦ୍ୟାଳୟକୁ ଆସିବା ଓ ପାଠପଢ଼ା ପ୍ରତି ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ସେ ଏଭଳି କରୁଛନ୍ତି। ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶିକ୍ଷକ ପାଢ଼ୀଙ୍କ ଏହି ନିଆରା ପ୍ରୟାସ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ନାଚଗୀତରେ ପାଠପଢ଼ା ଯିବା ଦ୍ୱାରା ପିଲାମାନେ ବିଦ୍ୟାଳୟକୁ ରୀତିମତ ଆସିବା ସହ ପାଠ ପଢିବାରେ ଆଗ୍ରହ ଦେଖାଉଛନ୍ତି ବୋଲି ବହୁ ଅଭିଭାବକ ଓ ଗ୍ରାମବାସୀ ଜଣାଇଛନ୍ତି।



ଶିକ୍ଷକ ନାଚ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେଉଛନ୍ତି।

## ରାଷ୍ଟ୍ରୀୟ ସମ୍ମିଳନୀରେ ସନ୍ଦର୍ଭ ଉପସ୍ଥାପନ କଲେ ସୋରଡ଼ା ଅଧାପକ



**ସୋରଡ଼ା,୬ା୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୋରଡ଼ା ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ତଥା ରିସର୍ଚ୍ଚ ସ୍କଲାର ରାମଚନ୍ଦ୍ର ବିଷୋୟୀ ଫେବୃୟାରୀ ୫ ଓ ୬ ଦୁଇଦିନ ଧରି ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ରାଷ୍ଟ୍ରୀୟ ସମ୍ମିଳନୀ ପଶୁ ବିଜ୍ଞାନର ପ୍ରବୃତ୍ତି ଓ ଅଗ୍ରଗତି ଉପରେ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ବିଶ୍ୱବିଦ୍ୟାଳୟର ବାୟୋସାଇନ୍ସ ଓ ବାୟୋ ଟେକ୍ନୋଲୋଜି ବିଭାଗ ତରଫରୁ ଆୟୋଜିତ ଏହି ରାଷ୍ଟ୍ରୀୟ ସମ୍ମିଳନୀରେ ଏଠାରୁ ଜଣେ ଅଧାପକ ଯୋଗ ଦେଇଥିବାରୁ ଖୁସିର ଲହରୀ ଖେଳିଯାଇଛି।

# ଡିଜେ ପ୍ରଭାବରେ ସତ୍ତା ହରାଉଛି ବ୍ରାସ୍ ବ୍ୟାଣ୍ଡ ପାର୍ଟି

**ବ୍ରହ୍ମପୁର ଅଫିସ, ୬ା୨**

ରେଶମ ନଗରୀ ବ୍ରହ୍ମପୁର ବାଣିଜ୍ୟ କଳା ସଂସ୍କୃତିର ସହର । ମହାନଗର ନିଗମର ଐତିହ୍ୟ, ପରମ୍ପରା, ସଂସ୍କୃତି ସଭ୍ୟତା ଅତି ସମୃଦ୍ଧ ଓ ପ୍ରାଚୀନ । ୧୦ ବର୍ଷ ପୂର୍ବରୁ ଲୋକେ ବିବାହ ବ୍ରତ ଭଳି ମାଙ୍ଗଳିକ ଉତ୍ସବରେ ବ୍ରାସ୍ ବ୍ୟାଣ୍ଡ ପାର୍ଟିର ଆୟୋଜନ କରୁଥିଲେ । ବ୍ରହ୍ମପୁର ସହରରେ ଆଜକୁ ୬୦ ରୁ ୭୦ ବର୍ଷ ହେବ ମେଦ୍ରି ଓ ଭଣ୍ଡାରୀ ସମ୍ପ୍ରଦାୟର ଲୋକେ ବ୍ରାସ୍ ବ୍ୟାଣ୍ଡ ପାର୍ଟିର ଆବିଷ୍କାର କରିଥିଲେ ବୋଲି ଲୋକକଥା ରହିଛି । ବ୍ୟାଣ୍ଡ ପାର୍ଟି ମନୋରଞ୍ଜନର ମାଧ୍ୟମ ସହ ଆମ କଳା ସଂସ୍କୃତି ପରମ୍ପରାକୁ ବଜାୟ ରଖିପାରୁଛି । ମହୁରୀ, ଭେରୀ, ତୂରୀ, ପେଁକାଳୀ ଓ ଝୁମକା ଇତ୍ୟାଦିର ତାଳେ ତାଳେ ସୁମଧୁର ସଙ୍ଗୀତ ମନ ମୋହୁଥିଲା। ବ୍ରହ୍ମପୁରରେ ପାଖାପାଖି ୨୦ ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ବ୍ରାସ୍ ବ୍ୟାଣ୍ଡ ପାର୍ଟି ରହିଥିବା ବେଳେ ପ୍ରତି ପାର୍ଟିରେ ପ୍ରାୟ ୨୦ ରୁ ୨୫ ଜଣ କାମ କରୁଥିଲେ । ଏହା ଦ୍ୱାରା ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ । ରାଜରାଜୁଡ଼ା ଶାସନ କାଳରେ ମଧ୍ୟ ଯୁଦ୍ଧ ରାଜଭ୍ରମଣ ପର୍ବପର୍ବାଣି କିମ୍ବା କୌଣସି ମାଙ୍ଗଳିକ ଉତ୍ସବରେ ବ୍ରାସ୍ ବ୍ୟାଣ୍ଡ ପାର୍ଟି ଶୋଭା ବଢ଼ାଉଥିଲା। ୧୦ ବର୍ଷ ହେବ ଆମ ସଙ୍ଗୀତ ଦୁନିଆରେ ଡିଜେ ପ୍ରବେଶ କରିବା ପରଠାରୁ କ୍ରମଶଃ ବ୍ୟାଣ୍ଡ ପାର୍ଟିର ଚାହିଦା କମିଯାଉଛି । ଡିଜେ ଶବ୍ଦ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ହୃଦ୍‌ଘାତ ଭଳି ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଶବ୍ଦ ପ୍ରଦୂଷିତ ଓ ଅତ୍ୟଧିକ କମ୍ପନ ଦ୍ୱାରା ଅନେକ କୋଠାବାଡ଼ି ଆସବାବପତ୍ର ମଧ୍ୟ ନଷ୍ଟ ହେବାରେ ଲାଗିଛି । ସହରରେ ଡିଜେକୁ ନେଇ ବିଭିନ୍ନ ପ୍ରତିବନ୍ଧକ ରହିଥିବା ବେଳେ ବ୍ରହ୍ମପୁରରେ ଡ଼ିଜେ ବ୍ୟବହାରରେ ଅଙ୍କୁଶ ନ ଲାଗିବା ହେତୁ ସହରରେ ଏହାର ଚାହିଦା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । ପୂର୍ବରୁ ପ୍ରଚଳିତ ଥିବା ବ୍ରାସ୍ ବ୍ୟାଣ୍ଡ ପାର୍ଟି ସଦସ୍ୟମାନେ ଜୀବିକା ହରାଇ ଏଥିରୁ ନିବୃତ୍ତ ରହି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ।

### ସେମାନଙ୍କ ମୁହଁରୁ...



"୧୮ ବର୍ଷ ହେବ ମୁଁ ବ୍ୟାଣ୍ଡ ପାର୍ଟି କରିଛି । ବର୍ତ୍ତମାନ ସଂସ୍ଥା ବନ୍ଦ ହେବା ଉପରେ। ଡିଜେ ପରିବେଶ ଓ ମନୁଷ୍ୟମାନଙ୍କର କ୍ଷତି କରୁଥିଲେ ମଧ ତା'ର ଆଦର ବଢ଼ିବାରେ ଲାଗିଛି । ହାର୍ଟ ଚୋକ୍, ଶ୍ୱାସ ରୋଗ ଓ ବିଭିନ୍ନ କ୍ଷତି ପହଞ୍ଚାଉଛି। ତେଣୁ ଆମ ଅନୁରୋଧ ଶବ୍ଦ ପ୍ରଦୂଷଣ କମେଇବା ପାଇଁ ଡିଜେ ବ୍ୟବହାର କମାଇବା ଉଚିତ ।

**- ସୁକାନ୍ତ ବେହେରା, ସରଗମ୍ ବ୍ୟାଣ୍ଡ ପାର୍ଟି ମାଲିକ ବ୍ରହ୍ମପୁର**



"ଆମ କୁଳ ଭାଇମାନେ ବ୍ୟାଣ୍ଡ ପାର୍ଟି ଆରମ୍ଭ କରିଥିଲେ । ଡ଼ିଜେ ଆସିବା ଦ୍ୱାରା ଆମ ଚାହିଦା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ରୋଜଗାର ପନ୍ଥା ମଧ ବନ୍ଦ କହିଲେ ଭୁଲ ହେବ ନାହିଁ । ପରିବାର ପ୍ରତିପୋଷଣ ପାଇଁ ବାଉଁଶ ପାତି କାମକୁ ଆପଣେଇ ନେଇଛୁ ।

**-କେ. ରାଜକିଶୋର, ଆର.କେ. ବ୍ୟାଣ୍ଡ ପାର୍ଟି, ମାଲିକ ବ୍ରହ୍ମପୁର**



"ଆମ ଜେଜେ ଅଜା ଅମଳରୁ ବ୍ୟାଣ୍ଡ ପାର୍ଟି ଚାଲିଆସୁଥିଲା । କଳା ସଂସ୍କୃତିର ସମ୍ମାନ ଆଦର ମଧ ଥିଲା । କିନ୍ତୁ ଡିଜେ ଆସିବା ପରଠାରୁ ବ୍ୟାଣ୍ଡ ପାର୍ଟିର ଚାହିଦା କମିବାରେ ଲାଗିଛି । ଚାହିଦା ନ ଥିବା ଯୋଗୁ ମୂଲାମୂଲି କରି କମ୍ ମଜୁରୀରେ ମଧ କାମ କରିବାକୁ ବାଧ ହେଉଛୁ ।

**-ଜି.ମଙ୍ଗୁଲୁ, ଲକ୍ଷ୍ମୀ ବ୍ୟାଣ୍ଡ ପାର୍ଟି ମାଲିକ, ବ୍ରହ୍ମପୁର**

## ସଂକ୍ଷେପରେ

### ଆତ୍ମସୁରକ୍ଷା ତାଲିମ

**କବିସୂର୍ଯ୍ୟନଗର,୬।୨:** କବିସୂର୍ଯ୍ୟନଗର ଆଠଗଡ଼ପାଟଣା ନାରାୟଣୀ ବିଜ୍ଞାନ କଲେଜରେ ଅଧକ୍ଷ ପ୍ରଣବ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅଧାପକ ପ୍ରଦୀପ ପ୍ରହରାଜ, ଚିତ୍ରସେନ ଡ଼ାକୁଆ, ସୁଧାକର ଦାସ ଓ ଶ୍ୟାମସୁନ୍ଦର ପ୍ରଧାନ ମଞ୍ଚାସୀନ ଅତିଥି ଥିଲେ। ମାଷ୍ଟର ଟ୍ରେନର ସଂଗୀତା ସ୍ୱାଇଁ ଓ ସୁଚିତ୍ରା ବେହେରା ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ତାଲିମରେ ୧୪୦ ଜଣ ଛାତ୍ରୀ ଭାଗ ନେଇଥିବା ବେଳେ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ। ଅଧାପକ ପ୍ରହରାଜ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଳିକା ହାଇସ୍କୁଲ ବାର୍ଷିକୋତ୍ସବ

**ଆସିକା,୬।୨(ଡି.ଏନ୍.ଏ.):** ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଧରାକୋଟ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ରାଉତ, ସିଆରସିସି ସରୋଜ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷୀରୋଦ ଚନ୍ଦ୍ର ବେହେରା, ପୂର୍ବତନ ସଭାପତି ବି. ମୋହନରାଓ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ



**ଦିଗପହଣ୍ଡି,୬।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ କମଳାପୁର ଗ୍ରାମସ୍ଥିତ ଶ୍ରୀକାଶୀ ବିଶ୍ୱନାଥଙ୍କ ପୀଠରେ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ରୁଦ୍ର ମହାଯଜ୍ଞରେ ବୁଧବାର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରବିବାର କଳସ ଶୋଭାଯାତ୍ରା, ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ ଏବଂ ନାମଯଜ୍ଞାଧିବାସ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପୌରହିତ୍ୟରେ ହୋମ, ପୂଜାର୍ଚ୍ଚନା ଚାଲିଥିବା ବେଳେ ଲକ୍ଷ୍ମୀନାରାୟଣ ସାହୁ ସପତ୍ନିକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଦିଗପହଣ୍ଡି ସମେତ ଆଖପାଖ ଗ୍ରାମାଞ୍ଚଳ ମାନଙ୍କରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯଜ୍ଞସ୍ଥଳକୁ ଆସୁଥିବାରୁ ସ୍ଥାନୀୟ ଥାନା ପୋଲିସ ଓ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଭିଡ଼ ନିୟନ୍ତ୍ରଣ କରାଯାଉଛି। ରବିବାର ପୂର୍ଣ୍ଣାହୂତି ହେବ। ମହାଯଜ୍ଞ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ତଥା ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଗଣପତି ମଳିକ, ସୁଦାମ ଦୋରା, ସୀମାଞ୍ଚଳ ସାହୁ ପ୍ରମୁଖ ଶୈବପୀଠ ପରିଚାଳନା କମିଟିର ସଭ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନଗର ପରିକ୍ରମା

**ଶେରଗଡ,୬।୨(ଡି.ଏନ୍.ଏ.):** ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ବାର୍ଷିକ ଅବସରରେ ଗୁରୁବାର ଶେରଗଡ ବ୍ଲକରେ ରଥ ପରିକ୍ରମା ଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଭକ୍ତ ଯୋଗ ଦେଇଥିଲେ। ସକାଳେ ନଗର ସଂକୀର୍ତ୍ତନ ପରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋକୁ ରଥରେ ବସାଇ ମହିଳା ପୁରୁଷ ଭକ୍ତ ସାହି ପରିକ୍ରମା କରିଥିଲେ। ପରେ ସମସ୍ତେ ସମବେତ ହୋଇ ବହୁ ଋତ୍ୱିକ୍, ସହପ୍ରତି ଋତ୍ୱିକ ଯୋଗଦେଇ ଠାକୁରଙ୍କ ଗୁଣଗାନ ସହ ଭଜନକୀର୍ତ୍ତନ କରିଥିଲେ। ମୁଖ୍ୟଅତିଥି ଭାବେ ସହ ପ୍ରତି ଋତ୍ୱିକ୍ ବିନାୟକ ମହାପାତ୍ର ଯୋଗ ଦେଇଥିଲେ। ତ୍ରିନାଥ ସାହୁ, କୋଟେଶ୍ୱର ପୃଷ୍ଟି, ବାବୁଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମରେ ସମୁଦ୍ର ପଥ ମୁକୁଳା, ସୁରକ୍ଷା ଚିନ୍ତା

**ଛତ୍ରପୁର,୬।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦେଇଯାଇଥିବା ସମୁଦ୍ର ପଥ ମୁକୁଳା ରହିଛି। ଏନେଇ ସୁରକ୍ଷା ଚିନ୍ତା ଆହୁରି ବଢିଯାଇଛି। ସାମୁଦ୍ରିକ ଥାନା ବୋଟ୍‌ରେ ସମୁଦ୍ରରେ ପାଟ୍ରୋଲିଂ ହୋଇପାରୁନି। ଅଧିକାଂଶ ମତ୍ସ୍ୟଜୀବୀଙ୍କ ନିକଟରେ ମତ୍ସ୍ୟ ବିଭାଗ ପ୍ରଦତ୍ତ ପରିଚୟ ପତ୍ର ନାହିଁ। ଅନେକ ବୋଟର ଲାଇସେନ୍ସ ନାହିଁ। ବିନା ଲାଇସେନ୍ସରେ ଥିବା ବୋଟ୍‌ରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯାଉଛନ୍ତି। ଏପରିକି ବୋଟ୍‌ରେ ନମ୍ବର ବି ରହୁନାହିଁ। ଏହି ସବୁ କାରଣକୁ ନେଇ କେଉଁ ସମୟରେ ସମୁଦ୍ର ତଟ ଦେଇ ବାହ୍ୟ ଅନୁପ୍ରବେଶର ସମ୍ଭାବନା ମଧ ରହିଛି। ନିକଟରେ ଗୋପାଳପୁର ପୋର୍ଟ ଓ ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ରହିଛି। ଗଞ୍ଜାମ ଜିଲାର ସମୁଦ୍ର ତଟ ଦେଇ ବାହ୍ୟ ଅନୁପ୍ରବେଶକୁ କିପରି ରୋକାଯାଇ ପାରିବ ସେନେଇ ଏକ ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ଉକ୍ତ ବୈଠକ ମାତ୍ର ସ୍ୱଳ୍ପ ସମୟରେ ସରିଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ବୈଠକରେ ସମୁଦ୍ର ତଟକୁ ସୁରକ୍ଷିତ ରଖିବା ପାଇଁ ଆର୍ଯ୍ୟପଲ୍ଲୀ ଓ ସୁନାପୁର ସାମୁଦ୍ରିକ ଥାନା ଅଧିକାରୀଙ୍କୁ



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଅଧିକ କ୍ରିୟାଶୀଳ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ନିକଟରେ ଏକ ଅତ୍ୟାଧୁନିକ ବୋଟ ରହିଛି। ସମୁଦ୍ରରେ ଏଥିରେ ପାଟ୍ରୋଲିଂ ପାଇଁ ଏହା ସରକାରଙ୍କ ପକ୍ଷରୁ ଦିଆଯାଇଛି। ଅପରପକ୍ଷରେ ଗୋପାଳପୁର ପୋର୍ଟରେ ଥିବା ମତ୍ସ୍ୟ ଜେଟି ପୋତି ହୋଇଯାଇଛି। ଫଳରେ ଏହି ବୋଟ୍‌କୁ ନେଇ ସମୁଦ୍ରରେ ପାଟ୍ରୋଲିଂ କରିବା ସମ୍ଭବପର ହେଉ ନ ଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ଏହାର ଖନନ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଜେଟି ନିର୍ମାଣ ପ୍ରସ୍ତାବରେ

**■ବୋଟ୍‌ରେ ପାଟ୍ରୋଲିଂ ହେଉନି**
**■ହୋଟେଲ ଅନ୍ତେବାସୀ ଯାଞ୍ଚ ହେବେ**

ରହିଛି। ମାଛ ମାରିବା ପାଇଁ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜିବୀମାନଙ୍କୁ ବିଭାଗ ପକ୍ଷରୁ ପରିଚୟପତ୍ର ଦେବାର ନିୟମ ରହିଛି। ବର୍ତ୍ତମାନ ସୁଦ୍ଧା ୩୨ ହଜାର ମତ୍ସ୍ୟଜିବୀଙ୍କୁ ବିଭାଗ ପରିଚୟପତ୍ର ଦେଇଛି। ଅନ୍ୟମାନଙ୍କୁ ପରିଚୟପତ୍ର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗଞ୍ଜାମ ଉପକୂଳର ୧୬ ସ୍ଥାନରେ ମାଛ ଧରା ଡଙ୍ଗା ଅବତରଣ କରୁଥିବା ସ୍ଥାନ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବାକୁ କୁହାଯାଇଛି। ସମସ୍ତ ମାଛ ଧରା ଡଙ୍ଗାଗୁଡିକୁ ରେଜିଷ୍ଟ୍ରେଶନ କରାଯିବ ଏବଂ ସେଥିରେ ସ୍ପଷ୍ଟ ଭାବେ ରେଜିଷ୍ଟ୍ରେଶନ ନମ୍ବର ଲେଖାଯିବ। ମତ୍ସ୍ୟଜୀବୀମାନଙ୍କର ପରିଚୟପତ୍ର ଗୁଡିକୁ ୨ ସାମୁଦ୍ରିକ ଥାନା ପୋଲିସ ଯାଞ୍ଚ କରିବେ। ଜିଲା ମତ୍ସ୍ୟ ବିଭାଗର ସଚେତନତା କାର୍ଯ୍ୟକ୍ରମ ବଳବତ୍ତର ରଖିବେ। କାର୍ଯ୍ୟକ୍ରମ ବେଳେ ସ୍ଥାନୀୟ ପୋଲିସ ଓ ତହସିଲଦାରଙ୍କୁ ସାମିଲ କରିବାକୁ କୁହାଯାଇଛି। ମାଛ ମାରିବାକୁ ଯାଇଥିବା ବେଳେ କିମ୍ବା ସମୁଦ୍ର କୂଳରେ କାହା ଉପରେ ଓ ବୋଟ୍ ଉପରେ ସନ୍ଦେହ ହେଲେ ପୋଲିସକୁ ମତ୍ସ୍ୟଜୀବୀମାନେ ଜଣାଇବାକୁ କୁହାଯାଇଛି। ଗୋପାଳପୁର ସହର ସମୁଦ୍ର ଉପକୂଳରେ ରହିଛି। ଏଠାରେ ଥିବା ସମସ୍ତ ହୋଟେଲର ଅନ୍ତେବାସୀଙ୍କ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ରକୁ ମାଛ ମାରିବାକୁ ଯିବାବେଳେ ଲାଇଫ୍ ଜାକେଟ୍ ବ୍ୟବହାର ମତ୍ସ୍ୟଜୀବୀମାନେ କରିବେ। ଏହାର ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ଚିକିଟି ତହସିଲଦାର ରାଜକିଶୋର ଜେନା, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର ଲିଲନ୍ ପ୍ରସାଦ ସାହୁ ଓ ପ୍ରଜ୍ଞା ପରିମିତା ଥାଟୋଇ, ସୁନାପୁର ସାମୁଦ୍ରିକ ଥାନା ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଆଇଆଇସି ଶର୍ମିଷ୍ଠା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବି.କରଡ଼ାବାଡ଼ି ସରପଞ୍ଚ ପଦବୀ ଉପନିର୍ବାଚନ ଲାଗି ବିଜ୍ଞପ୍ତି

**ବୁଗୁଡ଼ା,୬।୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତରେ ସରପଞ୍ଚ ପଦବୀ ଉପନିର୍ବାଚନ ଲାଗି ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନଙ୍କ ନିର୍ଦ୍ଦେଶ ପ୍ରକାରେ ବୁଗୁଡ଼ା ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଫେବୃୟାରୀ ୧୪ରେ ଉକ୍ତ ପଦବୀ ପାଇଁ ବିଜ୍ଞାପନ ଜାରି କରାଯିବ। ଫେବୃୟାରୀ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ, ୨୫ରେ ନାମାଙ୍କନ ଯାଞ୍ଚ, ୨୬ରେ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଫେବୃୟାରୀ ୨୮ ଅନ୍ତିମ ତାଲିକା ପ୍ରକାଶ କରାଯିବ। ଆବଶ୍ୟକ ହେଲେ ମାର୍ଚ୍ଚ ୨୦ ତାରିଖ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ମାର୍ଚ୍ଚ ୨୧ ତାରିଖ ସକାଳ ୮ଟାରୁ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣନା କରାଯାଇ ସରପଞ୍ଚଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ ନିର୍ବାଚିତ ସରପଞ୍ଚଙ୍କ ପଦବୀ ଅଯୋଗ୍ୟ ଘୋଷଣା କରାଯାଇଥିବା ଯୋଗୁ ବର୍ତ୍ତମାନ ନାଏବ ସରପଞ୍ଚ ସୁବାସିନୀ ନାୟକ ସରପଞ୍ଚ ପଦବୀରେ କାର୍ଯ୍ୟ କରୁଛନ୍ତି।

## ଶୋଭାଚନ୍ଦ୍ରପୁର ତାରାତାରିଣୀ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ଶେରଗଡ,୬।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଟାକରଡା ପଞ୍ଚାୟତ ଶୋଭାଚନ୍ଦ୍ରପୁର ଗ୍ରାମରେ ରହିଛି ତାରାତାରିଣୀ ପୀଠ। ପାହାଡ ଜଙ୍ଗଲ ଘେରା ମନୋରମ ପ୍ରାକୃତିକ ପରିବେଶରେ ବିରାଜମାନ କରିଛନ୍ତି ମା'। ଆସିକା–ଶେରଗଡକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥରୁ ୫୦୦ ମିଟର ଭିତରକୁ ଗଲେ ପଡେ ମା' ତାରାତାରାଣିଙ୍କ ମନ୍ଦିର। ନୂତନ ବର୍ଷ, ଦଶହରା ଓ ବିଭିନ୍ନ ଉତ୍ସବରେ ଏହି ପୀଠରେ ବେଶ୍ ଗହଳି ହୁଏ। ପୀଠର ବିଶେଷ ଆକର୍ଷଣ ହେଉଛି ମୟୂର। ନିକଟସ୍ଥ ଜଙ୍ଗଲ ମୟୂରମାନଙ୍କ ଆଶ୍ରୟସ୍ଥଳୀ। ଦିନର ପ୍ରାୟ ସବୁ ସମୟରେ ଏଠାରେ ଦଳଦଳ ମୟୂର ବିଚରଣ କରନ୍ତି। ପ୍ରଶାସନିକ ଓ ରାଜନୈତିକ ଅବହେଳା ଯୋଗୁ ପୀଠର ଆଖିଦୃଶିଆ ଉନ୍ନତି ହୋଇପାରୁନାହିଁ। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ଉନ୍ନୟନ ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ଟାକରଡା ସରପଞ୍ଚ ପ୍ରତିମା କୁମାରୀ ମହାନ୍ତ, ଅଶୋକ କୁମାର ଦାଶ, ନୃସିଂହ ଚରଣ ଦାଶ, ପୂର୍ବତନ ଟାକରଡା ସରପଞ୍ଚ ଜ୍ୟୋତିଷ ନାୟକ, ମହୁପଦର ସରପଞ୍ଚ ଗୋଲାପ ପ୍ରଧାନ, ସମିତିସଭ୍ୟ କାଲୁ ଗୌଡ ପ୍ରମୁଖ ଦାବି କରିଛନ୍ତି। ଏନେଇ, ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା କୁହନ୍ତି, ଏହି ମନ୍ଦିର ପାର୍ଶ୍ୱରେ ବିସ୍ତୀର୍ଣ୍ଣ ଜାଗା, ମନୋରମ ପରିବେଶ ରହିଛି। ଯାହାକି ସୌନ୍ଦର୍ଯ୍ୟକରଣ ପାଇଁ ସୁବିଧା ହେବ। ଏହାର ବିକାଶ ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିବା ଆବଶ୍ୟକ।

## ମୋ କଲେଜ ଅଭିଯାନ ବୈଠକ

**ସୋରଡ଼ା,୬।୨(ଡି.ଏନ.ଏ.)**

ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ପରିସରରେ ବୁଧବାର ରାଜ୍ୟ ସରକାରଙ୍କ ମୋ କଲେଜ ଅଭିଯାନ ସମ୍ପର୍କରେ ସୂଚନା, ଆଲୋଚନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ ଚନ୍ଦ୍ର ପାଢ଼ୀ, ଅଧାପକ ହୃଷୀକେଶ ମିଶ୍ର, ପ୍ରଦୀପ ସ୍ୱାଇଁ, ସୁଧାଂଶୁ ପଣ୍ଡା, ସିପ୍ରାରାଣୀ ପାତ୍ର, ମହମ୍ମଦ ଆଜମିଙ୍କ ଉପସ୍ଥିତିରେ ପୁରାତନ ଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ। ଯୋଜନାର ବିସ୍ତୃତ ବିବରଣୀ, କଲେଜ ସ୍ତରୀୟ କମିଟି ଗଠନ ଉପରେ ଅଧକ୍ଷ ପାଢ଼ୀ ସୂଚନା ଦେଇଥିଲେ। ଭଗବାନ ସାହୁ, ବସନ୍ତ ସ୍ୱାଇଁ, ଲମ୍ବୋଦର ଅଧିକାରୀ, ବାଇଧର ଗୋଚ୍ଛାୟତଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୧୧ ତାରିଖରେ ଯୋଜନା ଉପରେ ସଫଳ ରୂପାୟନ ପାଇଁ ପୁରାତନ ଛାତ୍ରମାନଙ୍କୁ ନେଇ ବୈଠକ ହେବ।

# ଶ୍ରମିକ ପଞ୍ଜୀକରଣ ହେଉନି



ପ୍ରତିବାଦ ଧାରଣା ଚାଲିଛି।

**ଛତ୍ରପୁର,୬।୨(ଡି.ଏନ.ଏ)**

**ଶ୍ରମ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଧାରଣା**

ଓଡିଶା ନିର୍ମାଣ ଶ୍ରମିକ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଛତ୍ରପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଧାରଣା ଦିଆଯାଇଥିଲା। ପରେ ଜିଲା ଶ୍ରମ ଅଧିକାରୀ ଶିବ ସାହୁଙ୍କ ସହ ୟୁନିୟନର ଏକ ପ୍ରତିନିଧି ଦଳର ଆଲୋଚନା ହୋଇଥିଲା। ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ତଥା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବଡଖଣ୍ଡି ପଞ୍ଚାୟତର ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏବଂ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ପଞ୍ଜୀକରଣ କରିବା, ଆବେଦନ କରିଥିବା କବିସୂର୍ଯ୍ୟନଗର ବ୍ଲକର ରାମ୍ପୁଡି ଓ ଆମ୍ବପୁଆ ଗାଁର ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜୀକୃତ କରି ଶ୍ରମିକ କାର୍ଡ ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ, ବିବାହ କିମ୍ବା ଆର୍ଥିକ ସହାୟତା ପ୍ରଦାନ ଆଦି ନିର୍ମାଣ ଶ୍ରମିକ ୟୁନିୟନର ଦାବି ରହିଛି।

# ପୋଢଲାମପୁର ପଞ୍ଚାୟତ ବିବାଦ ତୁଟିଲା

**ଛତ୍ରପୁର,୬।୨(ଡି.ଏନ.ଏ)**

**ଜିଲାପାଳଙ୍କୁ ଭେଟିଲେ ଜନପ୍ରତିନିଧି**

ଛତ୍ରପୁର ବ୍ଲକ ପୋଢଲାମପୁର ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ଲାଗିଥିବା ବିବାଦ ତୁଟିଛି। ଉଭୟ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା ପରେ ସମସ୍ୟା ସମାଧାନ ହୋଇଛି। ଗୁରୁବାର ସରପଞ୍ଚ ସୁବାସିନୀ ବାରିକଙ୍କ ସମେତ ୱାର୍ଡସଭ୍ୟ ଓ ପଞ୍ଚାୟତର ମୁଖିଆମାନେ ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଅଭିଯୋଗ ଉପରେ କୌଣସି ସତ୍ୟତା ନାହିଁ ବୋଲି ଜିଲାପାଳଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପଞ୍ଚାୟତର ଏକ ଗୋଷ୍ଠୀ ଜିଲାପାଳଙ୍କୁ ଭେଟି ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ସହ ଅନ୍ୟ କେତେକ ଅଭିଯୋଗ କରିଥିଲେ। ଏହାପରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ବିବାଦ ସମାଧାନ ହୋଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସରପଞ୍ଚଙ୍କ ସମେତ ରମେଶ ବାରିକି, ସୋମନାଥ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ସ୍ୱପ୍ନେଶ୍ୱର ନାହାକ, ରବୀନ୍ଦ୍ର ପଣ୍ଡା, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସରପଞ୍ଚ ଓ ଅନ୍ୟମାନେ।

# ସାଇବର ଆଇନ ସମ୍ପର୍କିତ ଆଲୋଚନାଚକ୍ର

**ଫୁଲବାଣୀ ଅଫିସ, ୬।୨**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାଇବର ଆଇନ ଉପରେ ଏକ ସଚେତନାତ୍ମକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ କନଫରେନ୍ସ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଇବର ଅପରାଧ କ'ଣ, ଏହା କିପରି ହୁଏ, ଏହା କେତେ ପ୍ରକାରର ତାହା ଉପରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ବିଶେଷକରି ସାଇବର ଆତଙ୍କବାଦ, ବ୍ୟାଙ୍କରୁ ଟଙ୍କା ଚୋରି, ଅନ୍‌ଲାଇନରେ ଠକେଇ, ଠକେଇ ନିବେଶକ ସଂସ୍ଥାମାନେ କିପରି ସେମାନଙ୍କ ଜାଲ ବିଛାଇ ଠକିଥାନ୍ତି ତାହା ଉପରେ ଅତିଥିମାନେ ଆଲୋଚନା କରିଥିଲେ।




ମଞ୍ଚାସୀନ ଅତିଥି।

ଏହି ଅବସରରେ ପିଲାମାନଙ୍କୁ ନିଜ ବ୍ୟାଙ୍କ ହେଉ, ଏଟିଏମ୍ କାର୍ଡ ସମ୍ପର୍କିତ ତଥ୍ୟ କୌଣସି ଅପରିଚିତ ଲୋକଙ୍କୁ ନ ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ସାଇବର ଅପରାଧକୁ ନେଇ କ'ଣ ଆଇନ ରହିଛି ଏବଂ ଦଣ୍ଡ ବିଧାନର ବ୍ୟବସ୍ଥା ଅଛି ତାହା ଆଲୋଚନା ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ପାତଞ୍ଜଳୀ ସାହୁ, ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ସଦାଶିବ ପାତ୍ର, ସଦର ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ, କଲ୍ୟାଣୀ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

## ବଣିକ ସଂଘର ଦାବିପତ୍ର ପ୍ରଦାନ

**ଆସିକା,୬।୨(ଡି.ଏନ୍.ଏ.)**

ଆସିକାରେ ପଲିଥିନ ଯାଞ୍ଚ ଆଳରେ ଜରିମାନା ଆଦାୟ କରାଯାଉଥିବା ନେଇ ବଣିକ ସଂଘ ପକ୍ଷରୁ ଗୁରୁବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ସହ ଆଲୋଚନା ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଲିଥିନ, ପ୍ଲାଷ୍ଟିକ ଆଦି ସାମଗ୍ରୀର ବର୍ଜନ ଲାଗି ବଣିକ ସଂଘ ପୂର୍ବରୁ ନିଷ୍ପତ୍ତି ନେଇ ତଦନୁଯାୟୀ କାର୍ଯ୍ୟ କରୁଛି। ପଲିଥିନର ବିକଳ୍ପ ଭାବେ ବିଭିନ୍ନ ବ୍ୟବସାୟୀ ଅନୁଷ୍ଠାନରେ ୫୧ ମାଇକ୍ରନ ଯୁକ୍ତ ଏବଂ ତୁଳା ମିଶ୍ରିତ ସାମଗ୍ରୀ ବ୍ୟବହାର କରାଯାଉଛି। ତଥାପି ଚଢାଉ କରି ଜରିମାନା ଆଦାୟ କରାଯାଉଥିବାରୁ ବଣିକ ସଂଘ ଉଦବେଗ ପ୍ରକାଶ କରିଛି। ଏନ୍‌ଏସି କର୍ତ୍ତୃପକ୍ଷ କେଉଁ ସାମଗ୍ରୀ ବ୍ୟବହାର ଯୋଗ୍ୟ ସେ ସମ୍ପର୍କରେ ଠିକ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ଆସିକା ବସଷ୍ଟାଣ୍ଡର ଏକ ହୋଟେଲରେ ଜିଲାପାଳ ଅଚାନକ ଚଢାଉ କରି ପଲିଥିନ ବ୍ୟବହାର ହେଉଥିବା ଦେଖି ୧୦ ହଜାର ଟଙ୍କା ଜରିମାନା କରିଥିଲେ। ତେଣୁ ବଣିକ ସଂଘ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବ୍ୟବସାୟୀମାନେ ଶୋଭାଯାତ୍ରାରେ ଏନ୍‌ଏସି କାର୍ଯ୍ୟାଳୟ ଆସିଥିଲେ। ଏଥିରେ ବଣିକ ସଂଘ ସଭାପତି ରାମରଞ୍ଜନ ଶର୍ମା, ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର, ସମ୍ପାଦକ ସୀମାଞ୍ଚଳ ପରିଡା, ଅରୁଣ କୁମାର ଗୁପ୍ତା, ପ୍ରକାଶ ପାତ୍ରଙ୍କ ସମେତ ଶତାଧିକ ବ୍ୟବସାୟୀ ସାମିଲ ଥିଲେ।

# ଗ୍ରାମାଞ୍ଚଳ ସମସ୍ୟା ନେଇ ଆନ୍ଦୋଳନ ନିଷ୍ପତ୍ତି

**ଦିଗପହଣ୍ଡି,୬।୨(ଡି.ଏନ.ଏ.)**

**ସିପିଆଇ ଶାଖା ସମ୍ମିଳନୀ**

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ଗ୍ରାମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସହୀଦ ବେଦିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶାଖା ସମ୍ପାଦକ ଅଶୋକ କୁମାର ନାଥ ପାର୍ଟି ପତାକା ଉତ୍ତୋଳନ କରିଥିଲେ। ଗ୍ରାମାଞ୍ଚଳର ବିବିଧ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପାର୍ଟି ପକ୍ଷରୁ ଗଣ ଆନ୍ଦୋଳନ ପାଇଁ ସମ୍ମିଳନୀରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ସିପିଆଇ ଗଞ୍ଜାମ ଜିଲା ସହ ସମ୍ପାଦକ ଅଳକ ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା, ଦଳିତ, ସଂଖ୍ୟାଲଘୁ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ଯୋଜନାବଦ୍ଧ ଭାବେ ବଢ଼ିଚାଲିଛି। ପ୍ରଗତିଶୀଳ ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରାଯାଇ ଜନସାଧାରଣଙ୍କୁ ମୌଳିକ ସମସ୍ୟା ଠାରୁ ଦୂରେଇ ରଖାଯାଉଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ି ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ଦେଶ ଘୋର ସଙ୍କଟ ମଧ୍ୟରେ ଗତି କରୁଛି। ରାଜ୍ୟ ସରକାରଙ୍କ କାଳିଆ ଯୋଜନା ହିତାଧିକାରୀଙ୍କୁ ପୁଣି ଥରେ ଅଯୋଗ୍ୟ ଘୋଷଣା ତାଙ୍କ ଚାଷୀ ବିରୋଧୀ ନୀତିକୁ ପଦାରେ ପକାଇଦେଇଛି ବୋଲି କହିଥିଲେ। ଚାଷୀଙ୍କୁ ଉତ୍ପାଦିତ ଫସଲର ଲାଭଜନକ ଦର ପ୍ରଦାନ ବ୍ୟାଙ୍କ ଓ ବୀମା ଶିଳ୍ପର ଘରୋଇ କରଣ ବନ୍ଦ କରିବା ଶିକ୍ଷିତ ବେକାରଙ୍କୁ କର୍ମ ନିଯୁକ୍ତି। ଶିକ୍ଷାର ବ୍ୟବସାୟୀକରଣ ବନ୍ଦ, ଜାତି ଧର୍ମ ନାଁରେ ଦେଶର ବିଭିନ୍ନ ଅଞ୍ଚଳରେ ଘୃଣା ଭାବ ସୃଷ୍ଟି ବନ୍ଦ କରିବା ଓ କେନ୍ଦ୍ର ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା ବିରୋଧରେ ବକ୍ତବ୍ୟ ରଖିଥିଲେ। ସୀମାଞ୍ଚଳ ସାହୁ, ଅଭିମନ୍ୟୁ ବାଡତ୍ୟ, ସୀମାଞ୍ଚଳ ନାୟକ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଅଶୋକ କୁମାର ନାଥଙ୍କୁ ପୁଣିଥରେ ପାର୍ଟିର ଶାଖା ସମ୍ପାଦକ ଭାବେ ସର୍ବସମ୍ମତକ୍ରମେ ଚୟନ କରାଯାଇଥିଲା। ସେହିପରି କୈଠଖଣ୍ଡି ଗ୍ରାମ ବାଲି ସାହି ଠାରେ ଆୟୋଜିତ ପାର୍ଟିର ଶାଖା ସମ୍ମିଳନୀରେ ଦୁର୍ଯ୍ୟୋଧନ ବେହେରା ପତାକା ଉତ୍ତୋଳନ କରିଥିଲେ। ପାର୍ଟି ସଭ୍ୟ କୃଷ୍ଣଚନ୍ଦ୍ର ବେହେରା, ମିଟୁ ବେହେରା, ଯୁଗଳ ବେହେରା, ପ୍ରମିଳା ସେଠୀଙ୍କ ସମେତ କଲେଜ ଛାତ୍ରୀ ଆଶାଲତା ସେଠୀ ଉପସ୍ଥିତ ରହି ସାଙ୍ଗଠନିକ ଅଭିବୃଦ୍ଧି ନିମନ୍ତେ ଆଲୋଚନା କରିଥିଲେ।





# ନିର୍ଭୟ କଢ଼ିକୁ ୟୁନିସେଫ୍ ଟିମ୍‌ର ପ୍ରଶଂସା

**ଛତ୍ରପୁର,୬।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ନିଜସ୍ୱ ପ୍ରୟାସ ନିର୍ଭୟ କଢ଼ି କାର୍ଯ୍ୟକ୍ରମକୁ ୟୁନିସେଫ୍ ଟିମ୍ ପ୍ରଶଂସା କରିଛନ୍ତି। ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ୟୁନିସେଫ ଟିମ୍‌ର ସଦସ୍ୟମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବାଲ୍ୟ ବିବାହ ରୋକିବା ପାଇଁ ନିର୍ଭୟ କଢି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଉଥିବାବେଳେ ଯୌନ ନିର୍ଯାତନା, ବାଳିକା ଓ କନ୍ୟା ଶିଶୁଙ୍କ ପ୍ରତି ହେଉଥିବା ବିଭିନ୍ନ ନିର୍ଯାତନା ରୋକିବା ଏବଂ ଶିକ୍ଷା ପ୍ରଦାନ ଆଦି ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା ଜିଲାପାଳ ସୂଚନା ଦେଇଥିଲେ। ଏଥିସହ କାଉନ୍‌ସେଲିଂ ଉପରେ ଧ୍ୟାନ ଦିଆଯିବା ସହ ବାଲ୍ୟବିବାହରେ ସମ୍ପୃକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଜିଲାପାଳ କହିଛନ୍ତି। କେମିତି ପୁଅ ଓ ଝିଅ ସବୁ କ୍ଷେତ୍ରରେ ସମାନ ଅଂଶ ଗ୍ରହଣ କରି ମହିଳା ଓ ଶିଶୁ କନ୍ୟାଙ୍କୁ ଆଇନଗତ ସହାୟତା ଏବଂ ସମ୍ମାନ ଦେବାକୁ ସମସ୍ତ ପ୍ରୟାସ କରାଯାଉଛି। ୨୦୧୯ ସେପ୍ଟେମ୍ବର ୧୮ରେ ଗଞ୍ଜାମ ଜିଲାରେ ବାଲ୍ୟ ବିବାହ ରୋକିବା ପାଇଁ ନିର୍ଭୟ କଢିର ଶୁଭାରମ୍ଭ କରାଯାଇଥିଲା। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ବ୍ଲକ ଓ ଜିଲାସ୍ତରରେ ବୈଠକ କରାଯାଇ



ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆଲୋଚନା, ସଚେତନତା ପରାମର୍ଶ

ଏହି କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଜିଲାପାଳ ଉକ୍ତ ଟିମ୍‌କୁ ସୂଚନା ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ସାମିଲ ରହୁଛି। ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଜାତି ଓ ସମାଜ ମୁଖିଆମାନଙ୍କ ସହ ଆଲୋଚନା କରାଯାଉଛି। ଜିଲାରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଚାଲିଛି। ଏଥିସହ ଏକ ସ୍ଲାଇଡ୍ ପ୍ରେଜେଣ୍ଟେଶନ ଉକ୍ତ ଟିମ୍ ଦେଖିଥିଲେ। ଏହି ସବୁ ଦେଖି ଶୁଣି ୟୁନିସେଫ୍ ଟିମ୍ ସଦସ୍ୟମାନେ ଗଞ୍ଜାମ ଜିଲା ପ୍ରଶାସନର ପ୍ରଶଂସା କରିଥିଲେ। କନ୍ୟା ଶିଶୁ ଓ କିଶୋରୀମାନଙ୍କ ଅଭିଭାବକ, ଜାତି ସମାଜ କର୍ମକର୍ତ୍ତାଙ୍କ ଆଲୋଚନା କରିବା ସହ ସଚେତନତା କାର୍ଯ୍ୟକ୍ରମ କରିବାକୁ ଉକ୍ତ ଟିମ୍‌ର ସଦସ୍ୟମାନେ ପ୍ରଶଂସା କରିଥିଲେ। ଏହି ବୈଠକରେ ୟୁନିସେଫ୍‌ର ମୋନିକା ନୀଲସନ୍, ସୋଲେଡାଡ୍ ହେରେରୋ, ନେହା ନାଇଡୁ, ଅରୂପା ଶୁକ୍ଳା, ଲୋପାମୁଦ୍ରା ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଗଞ୍ଜାମ ଜିଲା ଶିଶୁ କଲ୍ୟାଣ କମିଟି ସଦସ୍ୟା ସିଏଚ୍ ଜ୍ୟୋତି କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**କବିସୂର୍ଯ୍ୟନଗର,୬।୨**

କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା କାଳୀ ମନ୍ଦିର ଛକରେ ଜଣେ ଯୁବକଙ୍କୁ ବୁଧବାର ରାତିରେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ଓ ଗୁରୁବାର ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଆଠଗଡ଼ପାଟଣାର ପ୍ରଭାତ ଭୋଳ ଓରଫ ମୁନା (୪୫)।

ପ୍ରକାଶ ଯେ, ବୁଧବାର ରାତିରେ ମୁନା ବାଇକରେ କୋଦଳାରୁ ଆଠଗଡ଼ପାଟଣା ଫେରୁଥିଲେ। କାଳୀମନ୍ଦିର ଛକରେ କେତେଜଣ ଯୁବକ ତାଙ୍କ ବାଇକ ଅଟକାଇଥିଲେ। ସେଠାରେ ତାଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ମୁଣ୍ଡ, ବେକ ଓ ଦୁଇ ହାତରେ ଏକାଧିକ ଚୋଟ ଯାଗୁ ଗଭୀର କ୍ଷତ ହୋଇଛି। ମୁନାଙ୍କ ବାପା ଜଗବନ୍ଧୁ ଭୋଳ ଏନେଇ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଚାଲିଥିବା ଏସ୍ଆଇ ଅର୍ଜୁନ କହଁର ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାରୁ ୫ଜଣ ଯୁବକ ଏହି ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି।





For Institutional and Bulk Sales please write to bhubaneshwar@heromotocorp.com

**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 8895667200. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 9437438068. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 9437174795. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 9437070065. **ଦେବଗଡ଼ :** ଜିନ୍ଦଲ ମୋଟର୍ସ - 8327793865. **ଭଞ୍ଜନଗର:** ରେବତି ମୋଟର୍ସ - 7737015509.



8

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ